## ସାଇଣ୍ଟିଫିକ୍ ଟିମ୍ ତଦନ୍ତ ପରେ ୨ ମୃତଦେହର ହେଲା ବ୍ୟବଚ୍ଛେଦ

ପଡ଼ିଆ, ୨୫ା୧ (ଭାସ୍କର ରାଓ)

ସ୍ୱାମୀ ସ୍ତ୍ରୀଙ୍କ ବେକ କାଟି ହତ୍ୟା ପରେ ନିଜ ବେକ କାଟି ଆତ୍ମହତ୍ୟା କରିଥିବା ଘଟଣାରେ ଗୁରୁବାର କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ଆସି ତଦନ୍ତ ପରେ ୨ ମୃତଦେହ ବ୍ୟବଚ୍ଛେଦ ହୋଇଛି। ଏ ନେଇ ନଂ.୨୩/୨୪ରେ ଏକ ମାମଲା ରୁଜୁ କରାଯାଇଛି । ସୂଚନାଯୋଗ୍ୟ, ଛତିଶଗଡ଼ ସୁକ୍‌ମା ଜିଲା କୁଷ୍ଟା ଗ୍ରାମର କୋଣ୍ଡାବାବୁ (୩୮) ପଡ଼ିଆ ସଦର ମହକୁମା ଗ୍ରାମର ପେଦି ପଦ୍ମାରାଓଙ୍କ ଝିଅ ବେଣ୍ଣୁ ପେଦିଙ୍କୁ କିଛି ବର୍ଷ ପୂର୍ବେ ବିବାହ କରିଥିଲେ । ସ୍ତ୍ରୀ ବେଣ୍ଣୁ (୩୨) ନିଜ ବାପଘରେ ପଡିଆରେ ଆସି ରହୁଥିଲେ । ମଙ୍ଗଳବାର ସ୍ୱାମୀ କୋଣ୍ଡା ଶ୍ୱଶୁରଘରକୁ ଆସିଥିବା ବେଳେ ଶ୍ୱଶୁରଘରେ କେହି ନ ଥିବା ସମୟରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣରୁ ଝଗଡ଼ା ହୋଇଥିଲା । କୋଣ୍ଡା ଭାରସାମ୍ୟ ହରାଇ ଏକ ଧାରୁଆ ଛୁରିରେ ସ୍ତ୍ରୀଙ୍କ ବେକ କାଟି ଦେବାରୁ ଘଟଣାସ୍ଥଳରେ ବେଣ୍ଣୁଙ୍କର ମୃତ୍ୟୁ ଘଟିଥିଲା । ପରେ କୋଣ୍ଡା ବିଚଳିତ ହୋଇ ନିଜ ବେକକୁ ଛୁରିରେ କାଟି ଦେଇଥିଲେ ।

# ମତଦାନ ସାମ୍ବିଧାନିକ ଅଧିକାର

- ଜିଲାସ୍ତରୀୟ ଜାତୀୟ ଭୋଟର ଦିବସ ପାଳିତ
- କୃତୀ ପ୍ରତିଯୋଗୀ, ବିଡିଓ, ବିଏଲ୍‌ଓ ସମ୍ମାନିତ



ଜିଲାପାଳ ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ।

ନବରଙ୍ଗପୁର, ୨୫ା୧ (ସଦାଶିବ ପ୍ରହରାଜ)

ନବରଙ୍ଗପୁରଠାରେ ଜିଲାସ୍ତରୀୟ ଜାତୀୟ ଭୋଟର ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ଉପଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିଲା । ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରି ସ୍ଥାନୀୟ ମିଶନ ଶକ୍ତି ସଭାଗୃହରେ ପହଞ୍ଚିବା ପରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କମଳ ଲୋଚନ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରୀଛାତ୍ର ଓ ଭୋଟରଙ୍କୁ ମତଦାତା ସଂକଳ୍ପ ପାଠ କରାଇଥିଲେ । ମତଦାନ ଏକ ସାମ୍ବିଧାନିକ ଅଧିକାର । ତେଣୁ ସମସ୍ତ ମତଦାତା ଭୋଟ ଦେବା ଜରୁରୀ । ଚାପ ଓ ଲୋଭର ବଶବର୍ତ୍ତୀ ନହୋଇ ସ୍ୱଇଚ୍ଛାରେ ମତଦାନ କରିବାକୁ ସେ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଏସ୍‌ପି ରୋହିତ ବର୍ମା ଅତିରିକ୍ତ ଜିଲାପାଳ ମହେଶ୍ୱର ନାୟକ(ସାଧାରଣ), ଅତିରିକ୍ତ ଜିଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ ଉପସ୍ଥିତ ଥିଲେ । ଉପଜିଲାପାଳ ତଥା ଜିଲା ପଞ୍ଜିକରଣ ଅଧିକାରୀ ପ୍ରକାଶ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ । ନିର୍ବାଚନ ବିଭାଗ ଡେପୁଟି କଲେକ୍ଟର ପି.ମନସ୍ୱିତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଭୋଟର ଦିବସ ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ, ଭୋଟର ତାଲିକା ସଂଶୋଧନ ଓ ସଂଯୋଗୀ ପ୍ରକ୍ରିୟାରେ ଉତ୍ତମ କାର୍ଯ୍ୟ କରି ଶ୍ରେଷ୍ଠ ବିବେଚିତ ହୋଇଥିବା ବିଡିଓ, ତହସିଲଦାର, ବିଏଲଓଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କାରାଯାଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ବିଦ୍ୟାଳୟ, ମହାବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଅଧ୍ୟାପକ ଯୋଗ ଦେଇଥିଲେ । ପି.ମନସ୍ୱିତା ଧନ୍ୟବାଦ ଦେଇଥିଲେ ।

## ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଜଳିଗଲେ ଯୁବକ

ପାପଡ଼ାହାଣ୍ଡି, ୨୫ା୧ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଗ୍ରାମରେ ଏକ ଘର କରିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ପୋଡ଼ି ଯାଇ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରବର୍ତ୍ତୀ ସମୟରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ ପାପଡ଼ାହାଣ୍ଡି ବ୍ଲକ ଘାଟଗୁଡ଼ା ପଞ୍ଚାୟତ ଛତ୍ରବର ଗ୍ରାମର ବୁଦନ ଭତରା (୨୫) ପାପଡାହାଣ୍ଡି ଭିତର ସାହିରେ ହେଉଥିବା ଏକ ଘର କାମ କରୁଥିଲେ । ସେ ଛାତରେ ରଡ୍ ବାନ୍ଧିବାବେଳେ ଏହା ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲା । ଏଥିରେ ସେ ଗୁରୁତର ହୋଇପଡ଼ିଥିଲେ । ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଛାତି ଓ ଡାହାଣ ହାତ ସହ ଶରୀରର ପ୍ରାୟ ୩୦ ପ୍ରତିଶତ ଜଳି ଯାଇଥିବା ଡା. ମନସ୍ୱିତା ମହାନ୍ତି କହିଛନ୍ତି।

## କାଦବେଡ଼ା ଯାଇ ଲୋକଙ୍କ ସମସ୍ୟା ବୁଝିଲେ ବିଡିଓ

**ଧରିତ୍ରୀ ପ୍ରଭାବ**

ତେନ୍ତୁଳିଖୁଣ୍ଟି, ୨୫ା୧ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଗୌଡ଼ଦେଓପାଲି ପଞ୍ଚାୟତ କାଦବେଡ଼ା ଗ୍ରାମରେ ପାନୀୟ ଜଳ ବ୍ୟବସ୍ଥା କି ଯାନବାହନ ଚଳାଚଳ କରିବା ଭଳି ରାସ୍ତା ନାହିଁ। ଗ୍ରାମବାସୀ ଗୁଆପାଣିରେ କାମ ଚଳାନ୍ତି। ଏ ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା । ଏହାପରେ ବିଡିଓ ମନୋଜ ପାଣିଗ୍ରାହୀ ତୁରନ୍ତ ପାନୀୟଜଳ ବ୍ୟବସ୍ଥା କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ବିଡିଓ ଡାଇକ୍ ପର୍ଯ୍ୟନ୍ତ ସରକାରୀ ଗାଡ଼ିରେ ଯାଇ ସେଠାରୁ ବାଇକରେ କାଦବେଡ଼ା ଗ୍ରାମରେ ପହଞ୍ଚିଥିଲେ । ସେଠାରେ ଗ୍ରାମବାସୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ବିଡିଓ ଆଲୋଚନା କରିଥିଲେ । ଦୁଇଟି କଲଭର୍ଟ ନିର୍ମାଣ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ରାସ୍ତା ତିଆରି ହେବ । ୧୫ଦିନରେ ନଳକୂପ ଖନନ କରାଯିବ ବୋଲି ବିଡିଓ ପ୍ରତିଶ୍ରୁତି ଦେଇଛନ୍ତି।



ବିଡିଓ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି ।

# ଜାତୀୟ ମତଦାତା ଦିବସ




ମାଲକାନଗିରି, ୨୫ା୧ (ଦୁର୍ଯ୍ୟୋଧନ ପତ୍ର)

ମାଲକାନଗିରି ଜିଲାରେ ଜାତୀୟ ମତଦାତା ଦିବସ ପାଳିତ କରାଯାଇଛି । ଏହି ଅବସରରେ ଏକ ମତଦାତା ସଚେତନତା ରାଲି ସ୍ଥାନୀୟ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସଂସ୍କୃତି ଭବନ ପର୍ଯ୍ୟନ୍ତ ଯାତ୍ରା କରିଥିଲା । ସଚେତନତା ରାଲିରେ ସଦର ମହକୁମାର ୮ ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଜିଲା ପ୍ରଶାସନର ବରିଷ୍ଠ ପଦାଧିକାରୀଙ୍କ ସମେତ ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ ତଥା ଅତିରିକ୍ତ ଜିଲାପାଳ ରାଜସ୍ୱ ବେଦବର ପ୍ରଧାନ, ଅତିରିକ୍ତ ଜିଲାପାଳ ସାଧାରଣ ତ୍ରିନାଥ ମାଝି ପ୍ରମୁଖ ୱାକାଥନରେ ଯୋଗଦେଇଥିଲେ । ଶୋଭାଯାତ୍ରା ସଂସ୍କୃତି ଭବନରେ ପହଞ୍ଚିବା ପରେ ସେଠାରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ପ୍ରଧାନ ଜାତୀୟ ମତଦାତା ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ମାର୍ଗଦର୍ଶନ ଦେଇଥିଲେ । ଆଗାମୀ ଦିନରେ ସମସ୍ତ ମତଦାତା ଭୋଟ ଦେଇ ନିଜ ଅଧିକାର ସାବ୍ୟସ୍ତ କରିବା ସହିତ ଗଣତନ୍ତ୍ରକୁ ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜିଲାପାଳ ବିଶାଲ ସିଂ ଉପସ୍ଥିତ ରହି ୩ ବୁଥ୍‌ସ୍ତରୀୟ ଅଧିକାରୀ, ସର୍ବଶ୍ରେଷ୍ଠ ପାଠାଗାର କ୍ଲବ, ସର୍ବଶ୍ରେଷ୍ଠ କ୍ୟାମ୍ପସ ଆମ୍ବାସାଡର, ୧୪ ତମ ଜାତୀୟ ମତଦାତା ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ଏଥି ସହିତ ନୂତନ ଯୁବ ଭୋଟରଙ୍କୁ ଭୋଟର ପରିଚୟ ପତ୍ର ପ୍ରଦାନ କରିଥିଲେ । ସହାକାରୀ ଜିଲାପାଳ ଅଶୋକ ଚକ୍ରବର୍ତ୍ତୀ, ସହାକାରୀ ଜିଲାପାଳ ଅଜୟ କୁମାର ମାଣ୍ଡାଙ୍ଗି କାର୍ଯ୍ୟାକ୍ରମକୁ ତଦାରଖ କରିଥିଲେ ।

# ଗାଁ ମୁହାଁ ଭାଲୁ, ବୈଠକରେ ସୁରକ୍ଷା ଚିନ୍ତା

- ପଞ୍ଚାୟତ ସମିତି ବୈଠକ
- ବିଭାଗୀୟ ଅଧିକାରୀ ଅନୁପସ୍ଥିତ ଯୋଗୁ ପ୍ରକାଶ ପାଇଲା ଅସନ୍ତୋଷ

କୁନ୍ଦୁରା, ୨୫ା୧ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ପଞ୍ଚାୟତ ସମିତିରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମିତି ଅଧ୍ୟକ୍ଷା ରାଜେଶ୍ୱରୀ ପରଜାଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୋଟପାଡ ବିଧାୟିକା ପଦ୍ମିନୀ ଦିଆନ, ଉପାଧ୍ୟକ୍ଷ ତରଣୀସେନ ବିଶୋୟୀ, ଜିଲା ପରିଷଦ ଜୋନ ଖ ସଭ୍ୟା କନକଲତା ପେଣ୍ଡିଆ, ବିଡିଓ କପିଳେଶ୍ୱର ତାଣ୍ଡି, ଜିପିଇଓ ସୁରେଶ ହୋତା ପ୍ରମୁଖ ସମ୍ମାନିତ ଅତିଥି ରୂପେ ଉପସ୍ଥିତ ଥିଲେ। କୁନ୍ଦୁରାରେ ରହିଥିବା ସଂରକ୍ଷିତ ଜଙ୍ଗଲ କମିବାରେ ଲାଗିଛି। ଫଳରେ ହିଂସ୍ରଜନ୍ତୁ ଖାଦ୍ୟ ଅନ୍ୱେଷଣରେ ଗାଁମୁହାଁ ହେଉଛନ୍ତି। ଜଙ୍ଗଲରେ ସବୁଠାରୁ ଅଧିକ ଭାଲୁ ଏବଂ ବାର୍ହା ରହିଛନ୍ତି। ସେମାନଙ୍କୁ ସୁରକ୍ଷା ଦେବାକୁ ବୈଠକରେ ଦାବି ଉଠିଥିଲା । ତେବେ ବୈଠକରେ ଅନେକ ବିଭାଗୀୟ ଅଧିକାରୀ ଅନୁପସ୍ଥିତ ରହିଥିବାରୁ ଜନ ପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶକରି ବୈଠକକୁ ବାତିଲ କରିବାକୁ ହୋହାଲ୍ଲା କରିଥିଲେ । ବିଡିଓ ତାଣ୍ଡି ଆସନ୍ତା ନିର୍ବାଚନ କାର୍ଯ୍ୟରେ ବ୍ଲକ କର୍ମଚାରୀ ବ୍ୟସ୍ତ ଥିବା ହେତୁ ଅନୁପସ୍ଥିତ ଥିବା କହି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା । ଜିପିଇଓ ହୋତା ଗତ ବୈଠକର ବିବରଣୀ ପାଠ ସହ ବିଭିନ୍ନ ପ୍ରସ୍ତାବର କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଥିଲେ । କୃଷି, ଉଦ୍ୟାନ, ମତ୍ସ୍ୟ, ଶିଶୁ ବିକାଶ, ପାନୀୟ ଜଳ, ବିଦ୍ୟୁତ୍ ଯୋଗାଣ, ମୃତ୍ତିକା ସଂରକ୍ଷଣ, ଆବାସ ଓ ମୋ ଘର ଯୋଜନା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ବୈଠକରେ ଆଲୋଚନା ହୋଇଥିଲା । ଶିକ୍ଷା, ଜଙ୍ଗଲ, ସ୍ୱାସ୍ଥ୍ୟ, ପ୍ରାଣୀଧନ ଓ ରାଜସ୍ୱ ବିଭାଗର ଅଧିକାରୀମାନଙ୍କ ଅନୁପସ୍ଥିତ ହେତୁ ଏସବୁ ବିଭାଗର କାର୍ଯ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇପାରି ନ ଥିଲା । ଅନ୍ୟପକ୍ଷରେ ଗ୍ରାମ୍ୟ ଉନ୍ନୟନ, କ୍ଷୁଦ୍ର ଜଳସେଚନ, କ୍ଷୁଦ୍ରଶିଳ୍ପ, ବସ୍ତ୍ର, ବୟନଶିଳ୍ପ ଆଦି ବିଭାଗରୁ କେହି ଅଧିକାରୀ ସମିତିର କୌଣସି ବୈଠକରେ ଯୋଗଦେଉ ନ ଥିବା ଉପସ୍ଥିତ ଜନ ପ୍ରତିନିଧିମାନେ ଅଭିଯୋଗ କରିଥିଲେ । ସୂଚନାଯାଗ୍ୟ, ପ୍ରତି ୩ମାସକୁ ଥରେ ସମିତି ବୈଠକ ବସିବାକୁ ନିୟମ ଥିଲେ ସୁଦ୍ଧା ଏହି ବୈଠକ ୬ ମାସ ଅନ୍ତରରେ ହୋଇଛି ।



ସମିତି ବୈଠକରେ ଉପସ୍ଥିତ ଜନ ପ୍ରତିନିଧିମାନେ ଆଲୋଚନା କରୁଛନ୍ତି ।

# ଜାତୀୟ ଭୋଟର ଦିବସ

ଏମ୍‌ଭି ୭୯, ୨୫ା୧ (ଭିକି ବାରିକ)

ମାଲକାନଗିରି ଜିଲା କାଲିମେଲା ବ୍ଲକ ଏମ୍‌ଭି ୭୯ ସ୍ଥିତ ଡ. ଶ୍ୟାମାପ୍ରସାଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ଭୋଟର ଦିବସ ଉପଲକ୍ଷେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷ ଡ. ପ୍ରଶାନ୍ତ କୁମାର ପାଢ଼ୀ ଅଧ୍ୟକ୍ଷତା କରିଥିଲେ । ଗଣତନ୍ତ୍ରର ସୁରକ୍ଷା ଓ ଭୋଟରଙ୍କ ସକ୍ରିୟ ଯୋଗଦାନ ସମ୍ପର୍କରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଶପଥ ପାଠ କରାଯାଇଥିଲା । କାର୍ଯ୍ୟକ୍ରମରେ ଅଧ୍ୟାପକ ଡ. ମେଘନାଥ ବେହେରା, ବସନ୍ତ ବିଶ୍ୱାଳ, ଗ୍ରନ୍ଥାଗାର ରକ୍ଷକ ଭାରତ ଚନ୍ଦ୍ର ପଣ୍ଡା, ପିଇଟି ସନ୍ତୋଷ ପ୍ରହରାଜ, ଡେମନଷ୍ଟ୍ରେଟର ଲୋକନାଥ ମହାକୁଡ଼, ରିଙ୍କି ବାରିକ, ଅଶୋକ ନାହାକ, ସୁଜିତ ଢାଲି, ଲକ୍ଷ୍ମୀଧର ମାଝି, ରବୀନ୍ଦ୍ର ମଲିକ ଓ ପ୍ରଦୀପ ମଣ୍ଡଳ ସହଯୋଗ କରିଥିଲେ । ଅଧ୍ୟାପକ ଡ. ପ୍ରଦୀପ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ ।



ଛାତ୍ରୀଛାତ୍ରମାନେ ଶପଥ ନେଉଛନ୍ତି

# ଭାଜପାର କର୍ମୀ ସମ୍ମିଳନୀ, ମିଶ୍ରଣ ପର୍ବ

ଉମରକୋଟ, ୨୫ା୧ (ସନ୍ତୋଷ ଶତପଥୀ)

ଉମରକୋଟ ନିର୍ବାଚନ ମଣ୍ଡଳୀର ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ନେଇ ଚିତ୍ରକୋଟରେ ଏକ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, ରାଜ୍ୟ ସମ୍ପାଦକ ରମେଶଚନ୍ଦ୍ର ସାହୁ ମୁଖ୍ୟ ବକ୍ତା, ସମ୍ମାନିତ ଅତିଥିଭାବେ ବଳଭଦ୍ର ମାଝି, ବିଧାନସଭା ସଂଯୋଜକ ସୁରେଶ ଆଚାର୍ଯ୍ୟ, ଜିଲା ସଭାପତି ଜଗଦୀଶ ବିଷୋୟୀ, ଜିଲା ସମ୍ପାଦକ ରାମ ନାୟକ, ଜିଲା ମହିଳା ସାଧାରଣ ସମ୍ପାଦିକା ମନ୍ଦିରା ନାୟକ, ଜିଲା ମହିଳା ସମ୍ପାଦିକା ଜୟନ୍ତୀ ମାଝି ଉପସ୍ଥିତ ଥିଲେ । ଆଗାମୀ ସାଧାରଣ ନିର୍ବାଚନରେ ଦଳକୁ ଜିତାଇବାକୁ କେଉଁ ରଣ କୌଶଳ ଆପଣାଇବାକୁ ହେବ ସେ ନେଇ ଆଲୋଚନା କରାଯାଇଛି। ଏହା ସହିତ ଆଖପାଖ ଅଞ୍ଚଳର କେତେଜଣ ଭାଜପାରେ ମିଶିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୭ ମଣ୍ଡଳର ସଭାପତି, ସାଧାରଣ ସମ୍ପାଦକ, ସମସ୍ତ ପଞ୍ଚାୟତ ବୁଥ୍ ସଭାପତି ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।



ଭାଜପାର କର୍ମୀ ସମ୍ମିଳନୀରେ ଦଳୀୟ ନେତା, ନୂତନ କର୍ମୀ ଓ ଅନ୍ୟମାନେ ।

# କଂଗ୍ରେସ ଛାଡି ବିଜେଡିରେ ମିଶିଲେ ୫୦ରୁ ଊର୍ଦ୍ଧ୍ୱ ମହିଳା



ମିଶ୍ରଣ ପର୍ବରେ ବିଜେଡି ନେତା ଓ ଦଳରେ ସାମିଲ ହୋଇଥିବା ମହିଳାମାନେ ।

ପାପଡ଼ାହାଣ୍ଡି ୨୫ା୧ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଡେଙ୍ଗାଗୁଡ଼ା ପଞ୍ଚାୟତ ବିରିଗୁଡ଼ା ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ମହିଳା କଂଗ୍ରେସ ଛାଡି ବିଜେଡିରେ ସାମିଲ ହୋଇଛନ୍ତି। ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ମାଝିଗୁଡ଼ାସ୍ଥିତ ବାସଭବନରେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରା ଏବଂ ବିଜେଡି ବ୍ଲକ ସଭାପତି ବିଦ୍ୟା ମଲ୍ଲିକଙ୍କ ନେତୃତ୍ୱରେ ଏହି ମିଶ୍ରଣ ପର୍ବ ଆୟୋଜିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନ, ନୀତି ଆଦର୍ଶ ଏବଂ ମହିଳା ସଶକ୍ତିକରଣରେ ଅନୁପ୍ରାଣିତ ହୋଇ ଦଳରେ ମିଶିଥିବା ମହିଳାମାନେ କହିଛନ୍ତି। ବିଧାୟକ ଉପଢୌକନ ଦେଇ ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ । ଏହି ଅବସରରେ ଜିଲା ଯୁବ ବିଜେଡି ସଭାପତି ଶିବାନନ୍ଦ ବିଷୋୟୀ, ପାପଡ଼ାହାଣ୍ଡି ବ୍ଲକ ବିଧାୟକ ପ୍ରତିନିଧି ପ୍ରହଲ୍ଲାଦ ଅଗ୍ରୱାଲ, ବରିଷ୍ଠ ବିଜେଡି ନେତା ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସଜ ଜାଲ ପ୍ରମୁଖ ଉପସ୍ଥିତ ଥିଲେ ।

## ଗୀତ ଗାଇ ଧାନ, ଚାଉଳ ମାଗି ପାଳିଲେ ପୁଷ ପୁନେଇଁ

ଡାବୁଗାଁ/ତେନ୍ତୁଳିଖୁଣ୍ଟି, ୨୫ା୧ (ଚିଦାନନ୍ଦ ସାହୁ/ପ୍ରଜ୍ଞାରଞ୍ଜନ ପରିଡ଼ା)

ଡାବୁଗାଁ ବ୍ଲକରେ ଗୁରୁବାର ପୁଷପୁନି ପାଳିତ ହୋଇଯାଇଛି। ପୌଷ ମାସର ପୂର୍ଣ୍ଣମୀ ତିଥିକୁ ଗ୍ରାମାଞ୍ଚଳ ଲୋକେ ପୁଷପୁନି ଭାବରେ ପାଳନ କରନ୍ତି। ଗ୍ରାମାଞ୍ଚଳ ମାନଙ୍କରେ ଏହି ପର୍ବକୁ ନିଆରା ଢଙ୍ଗରେ ପାଳନ କରାଯାଏ । ପୂର୍ଣ୍ଣିମା ହେବାର କିଛି ଦିନ ପୂର୍ବରୁ ଗ୍ରାମର ଛୋଟଛୋଟ ପୁଅଝିଅ ନିଜକୁ ବିଭିନ୍ନ ବେଶରେ ସଜେଇ ହୋଇ, ଘର ଘର ବୁଲି ନାଚି ନାଚି ଧାନ ଚାଉଳ, ମାଣ୍ଡିଆ, କୋଳଥ ଆଦି ଶସ୍ୟ ସାଙ୍ଗକୁ ଟଙ୍କା ପଇସା ମଧ୍ୟ ଆଦାୟ କରନ୍ତି। ନାଚିବା ପାଇଁ ବାଦ୍ୟର ଆବଶ୍ୟକତାକୁ ପୂରଣ କରିବା ପାଇଁ ଟିଣ ଡବା, ପ୍ଲାଷ୍ଟିକ ଡବା ଓ ଅନ୍ୟ ଫଟାଚୁଟା ସାମଗ୍ରୀ ସବୁର ଯୋଗାଡ଼ କରିଥାନ୍ତି। ଏହି ପର୍ବରେ ପିଲାମାନେ ଛେର ଛେରା ଗୀତଗାଇ ସାମିଲ ହୋଇଥାଆନ୍ତି। ଏହି ପର୍ବରେ ବଡମାନେ ମଧ୍ୟ ବିଭିନ୍ନ ବେଶରେ ନିଜକୁ ସଜେଇ ଛେରଛେରା ଗୀତ ଗାଇ ଘରକୁ ଘର ବୁଲି ବିଭିନ୍ନ ଶଷ୍ୟ ସାଙ୍ଗକୁ ଟଙ୍କା ପଇସା ଆଦାୟ କରିଥାନ୍ତି। ପୌଷ ପୂର୍ଣ୍ଣିମା ଦିନ ଗ୍ରାମର ପିଲାମାନେ ଆଦାୟ ହୋଇଥିବା ସମସ୍ତ ଶସ୍ୟକୁ ଦୋକାନରେ ବିକିଦେଇ ସେହି ଟଙ୍କାରେ ଗାଁ ବାହାରେ ଏକ ଭୋଜି କରିଥାନ୍ତି।

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଆଦିବାସୀ ବହୁଳ ଅଞ୍ଚଳ। ସେମାନେ ପୌଷ ପୂର୍ଣ୍ଣିମା ପର୍ବକୁ ଧୁମଧାମରେ ପାଳନ କରିଛନ୍ତି। ଏହି ଉପଲକ୍ଷେ ଦିନେ ୨ଦିନରୁ କେତେଜଣ ବ୍ୟକ୍ତି ବିଭିନ୍ନ ବେଶରେ ସୁସଜ୍ଜିତ ହୋଇ ଘରକୁ ଘର, ସାହିକୁ ସାହି ବୁଲି ବିଭିନ୍ନ ଢଗଢମାଳି ସହ ପୁଷ ପରବ ଗୀତ ଗାଇ ନାଚିକୁଦି ଧାନ,ଚାଉଳ, ଟଙ୍କାପଇସା ମାଗିଥାଆନ୍ତି। ଏହାପରେ ଗାଁ ମୁଣ୍ଡରେ ଭୋଜି କରାଯାଏ । ଦିଆଲି ପର୍ବର କିଛିଦିନ ପରେ ଆସେ ପୁଷ ପରବ, ଯାହାକୁ ଆମେ ପୌଷ ପୂର୍ଣ୍ଣିମା ବୋଲି କହୁଛୁ। ପୌଷ ପୂର୍ଣ୍ଣିମା ଦିନ ଭୀମ ମଣ୍ଡାଖିଆ ଅସୁରକୁ ବଧକରି ଗ୍ରାମବାସୀଙ୍କୁ ରକ୍ଷା କରିଥିବା କଥା ମହାଭାରତରେ ବର୍ଣ୍ଣିତ ଅଛି। ମଣ୍ଡାଖିଆ ଅସୁରର ମୃତ୍ୟୁ ପରେ ଅସୁରଠାରୁ ନିସ୍ତାର ପାଇଥିବା ଗ୍ରାମବାସୀ ବେଶ୍ ଆନନ୍ଦିତ ହୋଇ ନାଚିଗାଇ ଝୁମିଥିଲେ। କିନ୍ତୁ ସେ ଦିନକୁ ଗ୍ରାମବାସୀ ଏବେବି ମନେରଖି ଏହି ପର୍ବ ପାଳନ କରୁଛନ୍ତି।

# ୩୬ଶହ କୁଇଣ୍ଟାଲ ମାଣ୍ଡିଆ କିଣା ଲକ୍ଷ୍ୟ

ତେନ୍ତୁଳିଖୁଣ୍ଟି, ୨୫ା୧ (ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଗୌଡ଼ଗୁଡ଼ାସ୍ଥିତ ଅଗ୍ରଗାମୀ ପ୍ରୋଜେକ୍ଟ ଅଫିସରେ ଗୁରୁବାର ବ୍ଲକ୍‌ସ୍ତରୀୟ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ପିଏ ଆଇଟିଡିଏ ତଥା ଶାଖା ପରିଚାଳକ ଟିଡିସିସି ରାଜୀବ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମାଣ୍ଡିଆ ମଣ୍ଡିର ଶୁଭ ଉଦ୍‌ଘାଟନ କରିଥିଲେ । ଟିଡିସିସି ଓଏଲ୍ ଜିଲା ସଭାପତି ଅଖିଳ ଭତରା ମଣ୍ଡି ଉଦ୍‌ଘାଟନ ସମାରୋହରେ ଉପସ୍ଥିତ ଥିଲେ । ଓଡ଼ିଶା ମିଲେଟ୍ସ ମିଶନର ଜିଲା ପ୍ରକଳ୍ପ ସଂଯୋଜକ ମୃତ୍ୟୁଞ୍ଜୟ କନ୍ଦପାନଙ୍କ ସହିତ ତେନ୍ତୁଳିଖୁଣ୍ଟି ବ୍ଲକ ସଂଯୋଜକ ନିଶାନ୍ତ କୁମାର ବିଷୋୟୀ, ଅତିରିକ୍ତ ବ୍ଲକ ସଂଯୋଜକ ନିରୋଦ ପଣ୍ଡା ଏବଂ ନବଗାମୀ କୃଷକ ଉତ୍ପାଦକ କମ୍ପାନୀର ଅଶ୍ୱିନୀ ନାୟକ, ଅଗ୍ରଗାମୀ ପ୍ରକଳ୍ପ ସଂଯୋଜକ ଜଗନ୍ନାଥ ଜେନା, ସିଆର୍‌ପି ଟଙ୍କଧର ଝଡିଆ, କୃପାସିନ୍ଧୁ ଗୌଡ଼, ଜଗନ୍ନାଥ ଦିଶାରି, ପ୍ରଦ୍ୟୁମ୍ନ ବାଘ ପ୍ରମୁଖ ଯୋଗଦେଇଥିଲେ । ଚଳିତ ବର୍ଷ ତେନ୍ତୁଳିଖୁଣ୍ଟି ବ୍ଲକକୁ ସର୍ବମୋଟ ୩୬୦୦ କୁଇଣ୍ଟାଲ ମାଣ୍ଡିଆ କ୍ରୟ କରିବାର ଟାର୍ଗେଟ ଦିଆଯାଇଛି । ସେଥିମଧ୍ୟରୁ ନବଗାମୀ କୃଷକ ଉତ୍ପାଦକ କମ୍ପାନୀ ୨୦୦୦ କୁଇଣ୍ଟାଲ ଓ ଅଞ୍ଚଳଗୁମ୍ଫା ଲ୍ୟାମ୍ପସକୁ ୧୬୦୦ କୁଇଣ୍ଟାଲ ଟାର୍ଗେଟ ଦିଆଯାଇଛି। ପ୍ରଥମ ଦିନରେ ୨୦ କୁଇଣ୍ଟାଲ ମାଣ୍ଡିଆ କ୍ରୟ କରାଯାଇଛି। ମଣ୍ଡିରେ ଚାଷୀଙ୍କୁ ଯେପରି ଅସୁବିଧା ନ ହୁଏ ସେଥିପ୍ରତି ଧ୍ୟାନଦେବାକୁ ମିଲେଟ ମିଶନ ସଦସ୍ୟଙ୍କୁ ଟିଡିସିସି ଓଏଲ୍ ଜିଲା ସଭାପତି ଅଖିଳ ଭତରା କହିଥିଲେ । ବିଭିନ୍ନ ପଞ୍ଚାୟତରୁ ମାଣ୍ଡିଆ ଚାଷୀମାନେ ଯୋଗ ଦେଇଥିଲେ ।



ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ ଅବସରରେ ଅତିଥି, ଚାଷୀ ଓ ଅନ୍ୟମାନେ ।

### ଓଡ଼ିଶା ମାଣ୍ଡିଆକୁ ମୁଖ୍ୟମନ୍ତ୍ରୀ ବିଶ୍ୱ ଦରବାରରେ ପହଞ୍ଚାଇଛନ୍ତି

ପାପଡ଼ାହାଣ୍ଡି, (ସ୍ୱପ୍ନଜିତ ପଟ୍ଟନାୟକ)

ପାପଡ଼ାହାଣ୍ଡି ବ୍ଲକ ପଣ୍ଡିକଟ ପଞ୍ଚାୟତ ପ୍ରଧାନୀଗୁଡ଼ାରେ ଓଡିଶା ମିଲେଟ ମିଶନ ପକ୍ଷରୁ ମାଣ୍ଡିଆ ମଣ୍ଡି ଉଦ୍‌ଘାଟନ କରାଯାଇଛି। ଜିଲା ମୁଖ୍ୟ କୃଷି ଅଧିକାରୀ ଜି.ଭି ରେଡ୍ଡୀ ଏହାର ଉଦଘାଟନ କରିଥିଲେ । କାର୍ଯ୍ୟକ୍ରମରେ ଓଡିଶା ମିଲେଟ ମିଶନ ଜିଲା ସଂଯୋଜକ ମୃତ୍ୟୁଞ୍ଜୟ କନ୍ଦପାନ, ଦସ୍ତ ଏନଜିଓର ସିଇଓ ଶୀତମ ମହାପାତ୍ର , ପାପଡ଼ାହାଣ୍ଡି ବ୍ଲକ କ୍ଷେତ୍ର ସଂଯୋଜକ ଶପଥ ନାୟକ, ଟିଡିସିସିର ପ୍ରକାଶ ଦାସ ପ୍ରମୁଖଙ୍କ ସହ ବ୍ଲକରୁ ପାଖାପାଖି ୩୦ ଚାଷୀ ଉପସ୍ଥିତ ଥିଲେ। ଓଡ଼ିଶାର ମାଣ୍ଡିଆକୁ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ବିଶ୍ୱ ଦରବାରରେ ପହଞ୍ଚାଇଛନ୍ତି ବୋଲି ଅତିଥିମାନେ କହିଥିଲେ । ଏବେ ମାଣ୍ଡିଆ ଆମ ନିତିଦିନିଆ ଖାଦ୍ୟପେୟରେ ସାମିଲ ହୋଇଛି ବୋଲି ମତ ପ୍ରକାଶ ପାଇଥିଲା । ପ୍ରକାଶ ଥାଉକି ଦସ୍ତ ଏନ୍‌ଜିଓ ମାଧ୍ୟମରେ କୃଷକ ଉତ୍ପାଦକ ସଂଘ ପାପଡ଼ାହାଣ୍ଡିରେ ମାଣ୍ଡିଆ କିଣିବ ।

# '୧୮ ବର୍ଷ ହେବ ଯେବେ ଭୋଟ ଦେବ ସେବେ'

ଡାବୁଗାଁ/ ଝରିଗାଁ/କୋଡ଼ିଙ୍ଗା, ୨୫ା୧ (ପ୍ରଜ୍ଞାରଞ୍ଜନ ପରିଡ଼ା/ କିଶୋର ଚନ୍ଦ୍ର ମଣ୍ଡଳ/ ସମରେନ୍ଦ୍ର ପଟ୍ଟନାୟକ)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମା ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଜାତୀୟ ଭୋଟର ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରୀଛାତ୍ର ୧୮ ବର୍ଷ ହେବ ଯେବେ ଭୋଟ ଦେବ ସେବେ, ଭାରତକୁ କରିବା ମହାନ, ସଭିଏଁ ଦେବା ଭୋଟଦାନ ଭଳି ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ପରେ ସ୍କୁଲରେ ଏକ ସଭା କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳି ନିହାଲ ଭୋଟର ଦିବସ କ'ଣ ପାଇଁ ପାଳନ କରାଯାଉଛି ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ ଓ ଶପଥ ପାଠ କରାଇଥିଲେ। କାହାରିଠାରୁ କୌଣସି ଉତ୍କୋଚ ନ ନେଇ ଠିକ୍ ବ୍ୟକ୍ତିଙ୍କୁ ଚୟନ କରାଇବା ବିଶ୍ୱ ଭୋଟର ଦିବସର ମୂଳଲକ୍ଷ୍ୟ ବୋଲି କୁହାଯାଇଛି। ଗଣତନ୍ତ୍ରକୁ ସୁଦୃଢ଼ କରିବା ଲାଗି ଆମର ଭୂମିକା ବିଷୟରେ ବୁଥ୍‌ସ୍ତରୀୟ ଅଧିକାରୀ ପଙ୍କଜ କୁମାର ମହାନ୍ତି ନିଜ ବକ୍ତବ୍ୟରେ କହିଥିଲେ। ପରେ ଛାତ୍ରୀମାନଙ୍କ ମଧ୍ୟରେ କୁଇଜ ଓ ଚିତ୍ରାଙ୍କନ ପ୍ରତିଯୋଗିତା କରାଯାଇଛି। ଏଥିରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ମାନସୀ ମହାନ୍ତି, ଶିକ୍ଷକ ଛାତ୍ରୀଛାତ୍ର ଓ ଭୋଟରେ ଉପସ୍ଥିତ ଥିଲେ। ଏହାସହ ଡାବୁଗାଁ ବ୍ଲକର ୫୫ଟି ବୁଥ୍‌ରେ ଜାତୀୟ ଭୋଟର ଦିବସ ପାଳନ କରାଯାଇଛି।

ଝରିଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମତଦାନ ଦିବସ ଉପଲକ୍ଷେ ଅଧ୍ୟକ୍ଷ ଶିବ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ୨୦୨୪ ସାଧାରଣ ନିର୍ବାଚନରେ ମତଦାନ କରିବା ନେଇ ସଚେତନ କରାଯାଇଛି। ଏନେଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଅଧ୍ୟାପକ ଗୋପାଳ ମହାରଣା, ଶଙ୍କର କୁମାର ନାଲା, ସନ୍ତୋଷ କୁମାର ଖିଲାର, ଅଧ୍ୟାପିକା ତୁଷାରୀ କୁମାରୀ ପଟ୍ଟନାୟକ, ଗ୍ରନ୍ଥଗାରିକ ମନୋଜ କୁମାର ମହାପାତ୍ରଙ୍କ ଉପସ୍ଥିତିରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ଶପଥ ପାଠ କରାଯାଇଥିଲା।



ଛାତ୍ରୀଛାତ୍ର ଶୋଭାଯାତ୍ରାରେ ଯାଉଛନ୍ତି ।

**ଜାତୀୟ ଭୋଟର ଦିବସ ପାଳିତ**

କୋଷାଗୁମୁଡ଼ା ବ୍ଲକ କୋଡ଼ିଙ୍ଗାସ୍ଥିତ ରାଜ ଚାଉଁରିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୱାଇଆର୍‌ସି, ଏନ୍‌ଏସ୍‌ଏସ୍ ଏବଂ ବ୍ଲକ ପ୍ରଶାସନର ମିଳିତ ସହଯୋଗରେ ମତଦାତା ଦିବସ ପାଳନ କରାଯାଇଛି। କୋଡ଼ିଙ୍ଗା ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର କୁଲୁ ମୁଖ୍ୟ ଅତିଥି, କୋଷଗୁମୁଡା ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ତ୍ରିଲୋଚନ ଛଞ୍ଚାଣ ମୁଖ୍ୟବକ୍ତା, ଉପାଧ୍ୟକ୍ଷ ବିବେକ ମହାଲିକ, ଅଧ୍ୟାପକ ରବି ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଛାତ୍ରୀଛାତ୍ର ଓ ସାମାଜିକ କର୍ମୀଙ୍କୁ ମତଦାନ ସମ୍ବନ୍ଧରେ ଶପଥ ପାଠ କରାଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ଅମିତା ରାୟଙ୍କ ପୌରହିତ୍ୟ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଯୁବ ରେଡ୍‌କ୍ରସ ସଂଯୋଜକ ଅଖିଳ ଭଟ୍ଟ ସ୍ୱାଗତ ଭାଷଣ ଦେଇଥିଲେ। ପଞ୍ଚାନନ ଦୁରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ସ୍ୱାଭିମାନ ଅଞ୍ଚଳ ଜନ୍ତୁରାଇରେ ବିଜୟ ଉତ୍ସବ



ଯୋଡ଼ାମ୍ବରେ ମହିଳା ଓ ପୁରୁଷମାନେ ବିଜୟ ଦିବସ ପାଳନ କରୁଛନ୍ତି ।

**ମାଲକାନଗିରି/ଚିତ୍ରକୋଣ୍ଡା, ୨୫ା୧ (ଦୁର୍ଯ୍ୟୋଧନ ପାତ୍ର/କ୍ଷୀରୋଦ ବେହେରା)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଜନ୍ତୁରାଇ ଗ୍ରାମରେ ଗୁରୁବାର ଗ୍ରାମବାସୀ ବିଜୟ ଉତ୍ସବ ପାଳନ କରିଥିଲେ। ୨୫ା୧।୨୦ରେ ଜନ୍ତୁରାଇ ଗ୍ରାମରେ କେତେଜଣ ମାଓବାଦୀ ପ୍ରବେଶକରି ଗ୍ରାମବାସୀଙ୍କ ଉପରେ ଆକ୍ରମଣ କରିଥିଲେ । ଏହାକୁ ବିରୋଧକରି ଗ୍ରାମବାସୀ ମଧ୍ୟ ମାଓବାଦୀଙ୍କ ଉପରେ ଆକ୍ରମଣ କରିବା ଫଳରେ ଜଣେ ମାଓବାଦୀଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଅନ୍ୟ ଜଣେ ମାଓବାଦୀଙ୍କୁ ଗଭୀର ଆଘାତ ଲାଗିଥିଲା। ଫଳରେ ଏହା ପ୍ରମାଣିତ ହୋଇଥିଲା ଯେ, ଗ୍ରାମବାସୀଙ୍କ ମନରୁ ମାଓବାଦୀଙ୍କ ଡର ସମ୍ପୂର୍ଣ୍ଣ ଭାବେ ଚାଲିଯାଇଛି। ଏହା ଏକ ସ୍ମରଣୀୟ ଘଟଣା ଥିଲା। ଯେଉଁ ଦିନଠାରୁ ବିଏସ୍ଏଫ୍ କ୍ୟାମ୍ପ ସେଠାରେ ପ୍ରତିଷ୍ଠା ହୋଇଥିଲା ଉକ୍ତ ଦିନଠାରୁ ଯବାନମାନେ ଗ୍ରାମବାସୀଙ୍କୁ ସାହସ ଦେବା ସହ ସେମାନଙ୍କର ସୁରକ୍ଷା ମଧ୍ୟ କରି ଆସୁଛନ୍ତି। ଫଳରେ ଗ୍ରାମବାସୀ ମଧ୍ୟ ଏକଜୁଟ ହୋଇ ମାଓବାଦୀଙ୍କ ସହ ମୁକାବିଲା କରିଥିଲେ । ତେଣୁ ଉକ୍ତ ଦିନକୁ ବିଜୟ ଉତ୍ସବ ଭାବେ ପାଳନ କରିବା ପାଇଁ ସ୍ଥିର କରି ଗୁରୁବାର ଜନ୍ତୁରାଇରେ ଜାତୀୟ ପତାକା ଉତ୍ତୋଳନ କରି ବିଜୟ ଉତ୍ସବ ପାଳନ କରିଛନ୍ତି। ଏହି ଉତ୍ସବରେ ମାଲକାନଗିରି ଏସ୍‌ପି ନୀତୀଶ୍ ବାଧ୍ୱାନୀ ଯୋଗଦେଇଥିଲେ। ଏହି ଅବସରରେ ଏକ ଜନସମ୍ପର୍କ ଶିବିର ଅନୁଷ୍ଠିତ ହୋଇଥିଲା । ଶିବିରରେ କ୍ରୀଡ଼ା ସାମଗ୍ରୀ, ମହିଳାଙ୍କୁ ଶାଢ଼ି ଓ ଛୋଟ ପିଲାଙ୍କୁ ଶିକ୍ଷା ସାମଗ୍ରୀ ବିତରଣ କରାଯାଇଥିଲା। ଏହି ଅବସରରେ ବାଧ୍ୱାନୀ କହିଛନ୍ତି, ଗ୍ରାମବାସୀଙ୍କ ଏକତା ଓ ଯବାନମାନଙ୍କ ପ୍ରଚେଷ୍ଟାରେ ଗ୍ରାମ ସମ୍ପୂର୍ଣ୍ଣ ମାଓବାଦୀମୁକ୍ତ ହୋଇପାରିଛି। ଗ୍ରାମବାସୀଙ୍କ ସହଯୋଗ ଓ ଯବାନଙ୍କ ସୁରକ୍ଷା ଓ ସହଯୋଗରେ ଜନ୍ତୁରାଇ ଗ୍ରାମ ଅଗ୍ରଗତି ହେବାରେ ଲାଗିଛି ବୋଲି ସେ ପ୍ରକାଶ କରିଛନ୍ତି ।

# ଘାସ ପୋଷାକ ପିନ୍ଧି ପୋଲିସ କ୍ୟାମ୍ପରେ ରକେଟ୍ ଲଞ୍ଚର ମାଡ଼

## ମାଓବାଦୀଙ୍କ ଆକ୍ରମଣର ନୂଆ କୌଶଳ

**ମାଲକାନଗିରି, ୨୫ା୧ (ଦୁର୍ଯ୍ୟୋଧନ ପାତ୍ର)**

ମାଓବାଦୀ ଦମନ ନେଇ ପୋଲିସ ଡାଳେ ଡାଳେ ଗଲେ ମାଓବାଦୀ ପତ୍ରେ ପତ୍ରେ ଯାଇ ତାକୁ ଭଣ୍ଡୁର କରିବାକୁ ଚେଷ୍ଟା କରୁଛନ୍ତି। ପୋଲିସ ଫୋର୍ସ ଓ କ୍ୟାମ୍ପ ଉପରେ ଆକ୍ରମଣ କରିବାର ନୂଆ ତରିକା ଆପଣେଇଛନ୍ତି ମାଓବାଦୀ। ଏବେ ଜଙ୍ଗଲୀ ଘାସ ପୋଷାକ ପିନ୍ଧିବା ଆରମ୍ଭ କରିଦେଇଛନ୍ତି। ଏମିତି ଘଟଣା ଦେଖିବାକୁ ମିଳିଛି ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ରେ। ମାଓବାଦୀଙ୍କ ଆକ୍ରମଣର ନୂଆ କୌଶଳ ଜଙ୍ଗଲୀ ଘାସ ପୋଷାକ ପିନ୍ଧି ପୋଲିସ କ୍ୟାମ୍ପ ଉପରେ ଶତାଧିକ ରକେଟ ଲଞ୍ଚର ମାଡ଼ କରି ପୋଲିସ ଓ ଯବାନଙ୍କ ନିଦ ହଜାଇ ଦେଇଛନ୍ତି। ମାଲକାନଗିରି ଛତିଶଗଡ଼ ସୀମାନ୍ତ ସୁକୁମା ଜିଲାର ଧର୍ମାଭରମ ପୋଲିସ କ୍ୟାମ୍ପ ଉପରେ ମାଓବାଦୀମାନେ ଆକ୍ରମଣ କରିଥିଲେ। ବିଜାପୁର ଓ ସୁକ୍‌ମା ଜିଲା ସୀମାରେ ଥିବା ଧର୍ମାଭରମ ପୋଲିସ କ୍ୟାମ୍ପର ଅସ୍ତ୍ରଶସ୍ତ୍ର ଲୁଟ୍ କରିବା ଉଦ୍ଦେଶ୍ୟରେ ମାଓବାଦୀମାନେ ଏହି ଆକ୍ରମଣ କରିଥିଲେ।

ସୂଚନା ଅନୁଯାୟୀ, ଜାନୁଆରୀ ୧୬ ରାତିରେ ମାଓବାଦୀ ସଂଗଠନ ପକ୍ଷରୁ ଧର୍ମାଭରମ ପୋଲିସ କ୍ୟାମ୍ପ ଉପରେ ଆକ୍ରମଣ କରାଯିବା ସହ ଶତାଧିକ ରକେଟ ଲଞ୍ଚର ମାଡ଼ କରାଯାଇଥିଲା। ଆକ୍ରମଣ ପରେ ଧର୍ମାଭରମ ପୋଲିସ କ୍ୟାମ୍ପ ଆଖ ପାଖରୁ ପ୍ରାୟ ୩ ଶହ ଜୀବନ୍ତ ସେଲ୍ ରକେଟ ବୋମା ପୋଲିସ ଜବତ କରିଛି। ମାଓବାଦୀମାନେ ସୁରକ୍ଷା ବାହିନୀ ଶିବିର ଭିତରେ ପ୍ରବେଶ କରିବା ଲାଗି ଜଙ୍ଗଲି ଘାସରେ ତିଆରି ସ୍ୱତନ୍ତ୍ର ପୋଷାକ ପିନ୍ଧିଥିଲେ। ଆକ୍ରମଣର ପାଲଟା ଜବାବ ମଧ୍ୟ ଦେଇଥିଲେ ଯବାନ। ସୁରକ୍ଷା କର୍ମୀଙ୍କ ଗୁଳିରେ ୩ ମାଓବାଦୀ ପ୍ରାଣ ହରାଇଥିଲେ।



# ୫ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀଙ୍କ ଆତ୍ମସମର୍ପଣ




ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ଚେକ୍ ପ୍ରଦାନ କରୁଛନ୍ତି ।

**ମାଲକାନଗିରି, ୨୫ା୧ (ଦୁର୍ଯ୍ୟୋଧନ ପତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ ନାରାୟଣପୁରରେ ୫ ଲକ୍ଷ ପୁରସ୍କାର ଘୋଷିତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ତାଙ୍କ ନାଁ ଜୟଲାଲ କାୱାଚି।

ସୂଚନା ଅନୁଯାୟୀ, ଛତିଶଗଡ଼ ନାରାୟଣପୁର ଅଞ୍ଚଳରେ ମାଓବାଦୀ ସଙ୍ଗଠନରେ କମାଣ୍ଡର ଭାବେ କାର୍ଯ୍ୟ କରୁଥିବା କୁଖ୍ୟାତ ମାଓବାଦୀ କାୱାଚି ଗୁରୁବାର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତେବେ ଜୟଲାଲଙ୍କ ସ୍ତ୍ରୀ ମଧ୍ୟ ବର୍ତ୍ତମାନ ମାଓବାଦୀ ସଂଗଠନରେ ଜଡିତ ଅଛନ୍ତି। ତେବେ ସେ ତାଙ୍କୁ ମଧ୍ୟ ଆତ୍ମସମର୍ପଣ ପାଇଁ ବାର୍ତ୍ତା ଦେଇଛନ୍ତି। ଜୟଲାଲ ୨୦୦୭ରୁ ମାଓବାଦୀ ସଙ୍ଗଠନରେ ଜଡିତ ଥିବା ବେଳେ ବହୁ ବଡ ବଡ ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ ହିଂସାକାଣ୍ଡରେ ଜଡିତ ଥିଲେ। ତେବେ ସେ ସାଧାରଣ ଜୀବନ ଜାପନ ପାଇଁ ନିଷ୍ପତ୍ତି ନେଇ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ବେଳେ ପୋଲିସ ପକ୍ଷରୁ ତାଙ୍କୁ ସମସ୍ତ ସହାୟତା ଯୋଗାଇ ଦିଆଯିବ ବୋଲି ପୋଲିସ ଅଧୀକ୍ଷକ ପୁଷ୍କର ଶର୍ମା କହିଛନ୍ତି ।

# ନୂଆ-ଓ ଯୁବ ଭୋଟରଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି ।

**କାଲିମେଲା, ୨୫ା୧ (ଜୀବନକୃଷ୍ଣ ଦାସ)**

ମାଲକାନଗିରି ଜିଲା ଭାରତୀୟ ଜନତା ପାର୍ଟି ଯୁବମୋର୍ଚ୍ଚା ପକ୍ଷରୁ କାଲିମେଲା ବ୍ଲକ ଏମ୍‌ଭି ୯୦ ଗ୍ରାମ ଖେଳ ପଡିଆରେ ଗୁରୁବାର ମହାବିଦ୍ୟାଳୟ ଛାତ୍ରୀଛାତ୍ର, ଯୁବଗୋଷ୍ଠୀ ଓ ଜନସାଧାରଣଙ୍କୁ ନେଇ ନୂଆ ଭୋଟର ଓ ଯୁବ ଭୋଟରଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ଏହି ଅବସରରେ ମୋଦି ନିଜ ଦେଶବାସୀଙ୍କ ବିକାଶରେ ବାର୍ତ୍ତା ଦେଇଛନ୍ତି ଯେ ନୂତନ ଭୋଟର ଦେଶର ପ୍ରଗତି ଅଟନ୍ତି । ୨୦୪୭ ସୁଦ୍ଧା ବିକଶିତ ଭରତ କରିବାକୁ ଲକ୍ଷ୍ୟ ରଖାଯାଇଛି । ତା' ସହ ବର୍ତ୍ତମାନ ଦେଶ ପଞ୍ଚମ ଅର୍ଥନୀତିରେ ଥିବା ବେଳେ ତାହାକୁ ତୃତୀୟ ଅର୍ଥନୈତିକ ସ୍ଥାନରେ ପହଞ୍ଚିବା ପାଇଁ ଲକ୍ଷ୍ୟ ହାସଲ ହୋଇପାରିବ । କାର୍ଯ୍ୟକ୍ରମରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଜିଲା ଭାଜପା ସଭାପତି ନିମାଇଁ ଚନ୍ଦ୍ର ପାଲ, ଜିଲା ଯୁବ ସଭାପତି ରତନ ବନିକ, ବିଧାନସଭା ନିର୍ବାଚନମଣ୍ଡଳୀ ସଂଯୋଗକ ନୀହାର ରାୟ, କାଲିମେଲା ମଣ୍ଡଳ ସଭାପତି ରତ୍ନାକର ପାଣିଗ୍ରାହୀ, ବିଧାୟକ ପ୍ରତିନିଧି ରାଜକିଶୋର ମଣ୍ଡଳ ପ୍ରମୁଖ ନୂତନ ଭୋଟଙ୍କୁ ସଚେତନତା ବାର୍ତ୍ତା ଦେଇଛନ୍ତି।

# ହସ୍ତଶିଳ୍ପ କାରିଗରଙ୍କ ଆଧାର, ପାସ୍‌ବୁକ୍ ସଂଯୋଗୀକରଣ ସର୍ବେକ୍ଷଣ



**ମାଲକାନଗିରି, ୨୫ା୧ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲାରେ ହସ୍ତଶିଳ୍ପ କାରିଗରଙ୍କ ଆଧାର କାର୍ଡ ଓ ବ୍ୟାଙ୍କ୍ ଖାତା ସଂଯୋଗୀକରଣ ନିମନ୍ତେ ଜିଲା ସଦର ବ୍ଲକ ଶିଖପାଲିଠାରେ ଆରମ୍ଭ ହୋଇଛି ସର୍ବେକ୍ଷଣ କାର୍ଯ୍ୟକ୍ରମ । ଏଥିରେ ଜିଲା ହସ୍ତଶିଳ୍ପ ସହକାରୀ ନିର୍ଦ୍ଦେଶକ ଲୁଲୁମ୍ୱା ସିଂ ଧାରୁଆ ଯୋଗଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ହସ୍ତଶିଳ୍ପ ପ୍ରୋତ୍ସାହକ କୁମାର ଗୁରୁଚରଣ ଓ କ୍ଲଷ୍ଟର ସଂଯୋଜକ ରାମକୃଷ୍ଣ ଚୌଧୁରୀ ପ୍ରମୁଖ ଉପସ୍ଥିତ ରହିଥିଲେ । ଏହି ଅବସରରେ ସମସ୍ତ କୁମ୍ଭାରଙ୍କ ତଥ୍ୟ ସଂଗ୍ରହ ସହ ସେମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସମସ୍ତ ଯୋଜନା ସମ୍ପର୍କରେ ଉପସ୍ଥିତ ଅଧିକାରୀମାନେ ଅବଗତ କରାଇବା ସହ ଶିଳ୍ପୀ ଗୃହ, ସରଞ୍ଜାମ ସହାୟତା, ଭତ୍ତା ଓ ଅନ୍ୟ ସମସ୍ତ ଯୋଜନା ବିଷୟରେ ଆଲୋଚନା କରିଥିଲେ । କିପରି ଏହି ଯୋଜନାଗୁଡିକର ଲାଭ ସମସ୍ତେ ପାଇପାରିବେ, ଏଥି ନିମନ୍ତେ ବିଭାଗ ସର୍ବଦା ତତ୍ପର ରହିଛି ବୋଲି ଅଧିକାରୀମାନେ କହିଥିଲେ। ଏହି ଅବସରରେ ଅଞ୍ଚଳର ହସ୍ତଶିଳ୍ପ କାରିଗରଙ୍କ ତଥ୍ୟ ସଂଗ୍ରହ କରାଯାଇଥିବା ବେଳେ ଜିଲାରେ ଥିବା ପ୍ରାୟ ୫ହଜାରରୁ ଅଧିକ ହସ୍ତଶିଳ୍ପ କାରିଗରଙ୍କ ସମସ୍ତ ତଥ୍ୟ ସଂଗ୍ରହ କରିବା କାର୍ଯ୍ୟ ବହୁତ ଶୀଘ୍ର ହେବ ବୋଲି ଧାରୁଆ ସୂଚନା ଦେଇଛନ୍ତି।




## ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀ

# ବଦଳିପାରେ ଭୋଟ ସମୀକରଣ

ଯାଜପୁର,୨୫।୧
(ହର୍ଷବର୍ଦ୍ଧନ ବେହେରା)



ଯାଜପୁର ଜିଲା ସୁକିନ୍ଦା ବିଧାନସଭା ନିର୍ବାଚନମଣ୍ଡଳୀରେ ଘଡ଼ାଇ ପରିବାରର ପ୍ରଭାବ ୧୯୯୦ରୁ ରହିଆସିଛି। ପ୍ରଫୁଲ୍ଲ ଘଡ଼ାଇ ଏଠାରୁ ୫ ଥର ନିର୍ବାଚିତ ହୋଇ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହୋଇଥିଲେ। ୨୦୧୪ ଓ ୨୦୧୯ରେ ତାଙ୍କ ପୁଅ ପ୍ରୀତିରଞ୍ଜନ ଘଡ଼ାଇ ଏହି ନିର୍ବାଚନମଣ୍ଡଳୀରୁ ବିଜୟଲାଭ କରି ଏବେ ମନ୍ତ୍ରୀ ଅଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ପ୍ରୀତିରଞ୍ଜନ ବିଜେଡି ଟିକେଟରେ ଲଢ଼ିବା ପାଇଁ ଆଶା ରଖିଛନ୍ତି। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଏବଂ ଲୋକବଳ ଆଧାରରେ ପୁଣି ସେ ଜିତିବେ ବୋଲି ବିଜେଡି କର୍ମୀମାନେ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। କିନ୍ତୁ ଅସଲ କଥା ଦେଖିଲା ବେଳକୁ ଉକ୍ତ ନିର୍ବାଚନମଣ୍ଡଳୀର ବିଜେଡିର ଅନେକ ବରିଷ୍ଠ ନେତା ଓ କର୍ମୀ ଇତିମଧ୍ୟରେ ଭାଜପାରେ ଯୋଗଦେଇଛନ୍ତି। ଫଳରେ ପ୍ରୀତିରଞ୍ଜନଙ୍କ ପାଇଁ ସ୍ଥିତି ଅଡୁଆ ହୋଇପାରେ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ କହୁଛନ୍ତି।

ପ୍ରଥମେ ଜନତା ଦଳ ଓ ପରେ ବିଜେଡିର ଆଗଧାଡ଼ିର ନେତୃତ୍ୱ ନେଇ ପ୍ରଫୁଲ୍ଲ ଘଡ଼ାଇ ସୁକିନ୍ଦାରେ ନିର୍ବାଚନ ଜିତି ଆସୁଥିଲେ। ୨୦୧୪ ନିର୍ବାଚନ ପୂର୍ବରୁ ପ୍ରଫୁଲ୍ଲଙ୍କୁ ବିଜେଡିରୁ ନିଲମ୍ବିତ କରାଯିବା ପରେ ତାଙ୍କ ପୁତ୍ର ପ୍ରୀତିରଞ୍ଜନ ବିଜେଡିର ସାଂଗଠନିକ ନେତୃତ୍ୱ ନେବାରେ ସଫଳ ହୋଇପାରିଛନ୍ତି। ଗତ ଦୁଇଟି ନିର୍ବାଚନରେ ସେ ସଫଳତା ପାଇଛନ୍ତି। ଏଥିରେ ପିତା ପ୍ରଫୁଲ୍ଲ ସମ୍ପୂର୍ଣ୍ଣ ଭାବେ ତାଙ୍କୁ ସହଯୋଗ କରିଆସିଛନ୍ତି। ୨୦୧୬ ଜୁଲାଇରେ ନଗଡ଼ାରେ ଅପପୁଷ୍ଟି ଦେଖାଦେବା କାରଣରୁ ଶିଶୁମୃତ୍ୟୁ ଘଟଣା ଏହି ପରିବାରକୁ ବଦନାମ କରିଥିଲା। ତଥାପି ୨୦୧୯ ସାଧାରଣ ନିର୍ବାଚନରେ ପ୍ରୀତିରଞ୍ଜନ ଭାଜପାର ପ୍ରଦୀପ ବଳସାମନ୍ତଙ୍କୁ ୧୬,୭୩୦ ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ଏକଦା ବିଜେଡିକୁ କଡ଼ା ଟକ୍କର ଦେଉଥିବା କଂଗ୍ରେସ ଧରାଶାୟୀ ହୋଇ ମାତ୍ର ୧୧.୫୮% ଭୋଟ ପାଇ ତୃତୀୟ ସ୍ଥାନକୁ ଖସି ଯାଇଥିଲା। ତେବେ ୨୦୧୯ ନିର୍ବାଚନ ପୂର୍ବରୁ କଂଗ୍ରେସର ଅଭିଜ୍ଞ ନେତା ଅମଳେନ୍ଦୁ ବେହେରା ଓ ତାଙ୍କ ସମର୍ଥକ ବିଜେଡିରେ ଯୋଗଦାନ କରିବା ପରେ ଏଭଳି ସ୍ଥିତି ଉପୁଜିଥିଲା ବୋଲି ସେତେବେଳେ ଚର୍ଚ୍ଚା ହୋଇଥିଲା। କିନ୍ତୁ ଏହି ନିର୍ବାଚନର ପ୍ରାୟ ୨ ବର୍ଷ ପରେ ପ୍ରୀତିରଞ୍ଜନଙ୍କ ନେତୃତ୍ୱ ଉପରେ ଅମଳେନ୍ଦୁ ଅସନ୍ତୋଷ ବ୍ୟକ୍ତକରି ଭାଜପାରେ ଯୋଗଦେଇଥିଲେ। ଏବେ ପ୍ରଦୀପ ଓ ଅମଳେନ୍ଦୁ ମିଶି ଭାଜପାକୁ ସୁଦୃଢ଼ କରିବାରେ ଲାଗିପଡ଼ିଛନ୍ତି। ଗତ ୬ ମାସ ମଧ୍ୟରେ ଏହାର ପ୍ରମାଣ ଦେଖିବାକୁ ମିଳିଛି। ଇତିମଧ୍ୟରେ ଦାନଗଦି ବ୍ଲକ କିଆଝର ପଞ୍ଚାୟତର ବିଜେଡିର କେତେ ଜଣ ସଙ୍ଗଠକ ଭାଜପାରେ ଯୋଗଦାନ କରିଛନ୍ତି। ଏହି ବ୍ଲକ ଖପୁରିପଡା ପଞ୍ଚାୟତର ବିଜେଡିର ଯୁବ ସଙ୍ଗଠକ ପ୍ରଫୁଲ୍ଲ ଧଳ, ଅଜୟ ଧଳ ଏବଂ ଧୂଳିଗଡ଼ ପଞ୍ଚାୟତର କିଶୋର ଚନ୍ଦ୍ର ଜେନା ପ୍ରମୁଖ ଭାଜପା ଶିବିରକୁ ଯାଇଛନ୍ତି। କିଛିଦିନ ତଳେ ରାଛିପୁର ଗ୍ରାମର କେତେ ଟାଣୁଆ ବିଜେଡି ନେତା ଭାଜପାରେ ଯୋଗ ଦେଇଥିବା ଦେଖିବାକୁ ମିଳିଛି। ଏହାସହ ବିଜେଡି ସମର୍ଥନରେ ଜିତିଥିବା ଦାନଗଦି ବ୍ଲକର ପୂର୍ବତନ ଅଧ୍ୟକ୍ଷ ଲଳିତା ରାୟ ଓ ତାଙ୍କ ସ୍ୱାମୀ ପ୍ରଶାନ୍ତ ରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଲୋପାମୁଦ୍ରା ନାଏକ ଓ ତାଙ୍କ ସ୍ୱାମୀ ହଳଧର ନାଏକ, ପୂର୍ବତନ ଦାନଗଦି ବ୍ଲକ ଉପାଧ୍ୟକ୍ଷ ସୁଧାଂଶୁ ଭଞ୍ଜ, ପୂର୍ବତନ ଜିଲା ପରିଷଦ ସଭ୍ୟ ପ୍ରତାପ ଧୀର, ବାଙ୍ଗରକୋଟା ପୂର୍ବତନ ସରପଞ୍ଚ ଅଧିକାରୀ ରାଉତ ଓ ସାଲିଜଙ୍ଗା ପଞ୍ଚାୟତର ପ୍ରମୋଦ ମହନ୍ତ, ବିଜେଡିର ପୂର୍ବତନ ଜିଲା ଉପସଭାପତି ପବିତ୍ର ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବୁଡାନ ସିଂ ଜାମୁଡ଼ା ସେମାନଙ୍କ ଶତାଧିକ ସମର୍ଥକଙ୍କ ସହ ବିଜେଡି ଛାଡି ଭାଜପା ଶିବିରକୁ ଯାଇଛନ୍ତି। ଏହାପୂର୍ବରୁ ସୁକିନ୍ଦା ବ୍ଲକ କଅଁସ, କାଳିଆପାଣି, ରାଁସୋଳ, କାଙ୍କଡ଼ପାଳ, କୁହିକା, ପିମ୍ପୁଡିଆ, ବନ୍ଧଗାଁ, ଲେମ୍ବୋ, ହରିପୁର, ସୁକିନ୍ଦା, ସଂସାଇଲୋ, ରଣାଗୁଣ୍ଡି, କିଆଝର, ଚିଟିରି, ଆମ୍ବଲବା, ଦୁଧୁଯୋରୀ ଆଦି ପଞ୍ଚାୟତର ପର୍ଯ୍ୟାୟକ୍ରମେ ବିଜେଡି କର୍ମୀମାନେ ଭାଜପାରେ ଯୋଗଦାନ କରିଥିବା ଶୁଣିବାକୁ ମିଳୁଛି। ତେବେ ଗତ ରବିବାର ସୁକିନ୍ଦା ବ୍ଲକର ଚିଙ୍ଗୁଡିପାଳ ପଞ୍ଚାୟତର ହୁଡ଼ିସାହିଠାରେ ହୋଇଥିବା ମିଶ୍ରଣ ପର୍ବରେ ଶତାଧିକ କର୍ମୀ ବିଜେଡିରୁ ଆସି ଭାଜପା ଟୋପି ପିନ୍ଧିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷେ ଭାଜପା ଓ କଂଗ୍ରେସ ଦଳ ଛାଡି ଇତିମଧ୍ୟରେ ବିଜେଡିରେ କେତେ ଜଣ ନେତା ମିଶିଥିଲେ ସେମାନେ ସନ୍ତୁଷ୍ଟ ନ ଥିବା ଚର୍ଚ୍ଚା ହେଉଛି।

'ଫାଷ୍ଟ କମ୍, ଫାଷ୍ଟ ଲୋଡ୍' ଘଟଣା ସିଧାସଳଖ ସୁକିନ୍ଦା ଅଞ୍ଚଳବାସୀ ଓ ଶ୍ରମିକଙ୍କୁ ପ୍ରଭାବିତ କରିଚାଲିଛି। ଖଣିକୁ ଯିଏ ପ୍ରଥମେ ଆସି ପହଞ୍ଚିବେ ତାଙ୍କର ଲୋଡ୍ ପ୍ରଥମେ ହେବା କଥା। କିନ୍ତୁ ଏଥିରେ ବ୍ୟତିକ୍ରମ ଲକ୍ଷ୍ୟ କରାଯାଉଛି। ରାଜନୈତିକ ଚାପ ଯୋଗୁ ବିଧାୟକଙ୍କ ସମର୍ଥକମାନେ ଲାଭ ଉଠାଉଛନ୍ତି ବୋଲି ଅଭିଯୋଗ ହେଉଛି। ସାଧାରଣ ଲୋକଙ୍କ ମୌଳିକ ସମସ୍ୟାକୁ ଅଣଦେଖା କରାଯାଇ ଖଣି ଠିକାଦାର ଓ ମାଲିକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦିଆଯାଉଥିବାରୁ ସୁକିନ୍ଦାରେ ବିଜେଡି ନେତୃତ୍ୱକୁ ବିରୋଧ କରାଯାଉଥିବା ନେଇ ଶୁଣିବାକୁ ମିଳୁଛି। ଫଳରେ ସ୍ଥାନୀୟ ଅଧିବାସୀ ଓ ଶ୍ରମିକଙ୍କ ସ୍ୱାର୍ଥ ବ୍ୟାହତ ହେଉଥିବା ଅଞ୍ଚଳସାରା ଆଲୋଚନା ହେଉଛି। ଏସବୁ ଦିଗକୁ ଦୃଷ୍ଟି ଦିଆ ନ ଗଲେ ଆସନ୍ତା ନିର୍ବାଚନରେ ସ୍ଥାନୀୟ ବିଜେଡି ନେତୃତ୍ୱ ନେଇ ଭୋଟ ସମୀକରଣ ବଦଳିବାର ଆଶଙ୍କା ଏବେଠାରୁ ସୃଷ୍ଟି ହେଲାଣି ବୋଲି ରାଜନୈତିକ ବିଶେଷଜ୍ଞମାନେ କହୁଛନ୍ତି।

# ଭାଜପା-ବିଜେଡି ବାହାଘର କଲା କଂଗ୍ରେସ



ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଗୁରୁବାର ବିଜେଡି କନ୍ୟା ସହ ଭାଜପା ବରଙ୍କୁ ବିବାହ କରାଉଛନ୍ତି କଂଗ୍ରେସ କର୍ମକର୍ତ୍ତା।

ଭୁବନେଶ୍ୱର,୨୫।୧(ଅନିଲ ଦାସ)

ପ୍ରଦେଶ ଛାତ୍ର କଂଗ୍ରେସ ଉଭୟ କେନ୍ଦ୍ର ଓ ରାଜ୍ୟର ଶାସକ ଦଳ ବିରୋଧରେ ଅଭିନବ ପ୍ରତିବାଦ କରିଛି। ଛାତ୍ର କଂଗ୍ରେସ ପକ୍ଷରୁ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ତତ୍ତ୍ୱାବଧାନରେ ଭାଜପା ଓ ବିଜେଡିର ବିବାହ ଉତ୍ସବ ଗୁରୁବାର ମାଷ୍ଟରକ୍ୟାଣ୍ଟିନ ଛକଠାରେ ଆୟୋଜିତ ହୋଇଯାଇଛି। ହିନ୍ଦୁ ଧର୍ମର ରୀତିନୀତି ଅନୁଯାୟୀ ସ୍ୱତନ୍ତ୍ର ବେଦି କରାଯାଇ ଏହି ଉତ୍ସବ ସମାପନ ହୋଇଛି। ବିଜେଡିକୁ କନ୍ୟା ଭାବରେ ଏବଂ ଭାଜପାକୁ ବର ଭାବରେ ଏହି ଉତ୍ସବରେ ଗ୍ରହଣ କରାଯାଇଛି। ସ୍ୱତନ୍ତ୍ର ଭାବେ ବ୍ରାହ୍ମଣ ବିବାହ କରାଇବା ସହ ହାତଗଣ୍ଠି ଫିଟାଯାଇଥିଲା। ବରକନ୍ୟା ବେଦି ଚାରିପଟେ ୭ଥର ବୁଲିଥିଲେ। ଏହି କାର୍ଯ୍ୟକ୍ରମରେ ବାଜା ଓ ଡିଜେ ପ୍ରଭୃତି ବାଜିଥିଲା ଏବଂ ବାଣ ଫୁଟିଥିଲା। ଭାଜପା ବିଜେଡିକୁ ଓ ବିଜେଡି ଭାଜପାକୁ ଫୁଲହାର ଦେଇ ବିବାହ ବନ୍ଧନରେ ବନ୍ଧା ହୋଇଥିଲେ। ଏହି ପରିପ୍ରେକ୍ଷୀରେ ୟାସିର କହିଛନ୍ତି ଏହି ଦୁଇଟି ଦଳ ସ୍ୱାମୀ ସ୍ତ୍ରୀ ଭଳି ରହୁଛନ୍ତି। ଦୀର୍ଘ ୨୪ ବର୍ଷ ଲିଭଇନ୍ ସମ୍ପର୍କରେ ରହିଲେ। ଓଡ଼ିଶାରେ ଏହି ଲିଭଇନ୍ ସମ୍ପର୍କ ଗ୍ରହଣୀୟ ନୁହେଁ। ତେଣୁ ଏମାନଙ୍କୁ ଆମେ ବିବାହ କରାଇଦେଲୁ। ବିଜେଡି ଓ ଭାଜପା ସବୁ ନିଷ୍ପତ୍ତିରେ ଏକ। କେବଳ ଲୋକଙ୍କୁ ଦେଖାଇବା ପାଇଁ ବିଧାନସଭାରେ କଳିର ଡ୍ରାମା କରନ୍ତି। କିନ୍ତୁ ଲୋକ ସଭାରେ ଏମାନଙ୍କର ଭୂମିକା ସ୍ୱାମୀ ସ୍ତ୍ରୀ ପରି। କଳା କୃଷି ଆଇନ, ଏନ୍ଆରସି, ସିଏଏ, ମଣିପୁର ଦଙ୍ଗା, ଜିଏସ୍‌ଟି ବୋଝ, ବିମୁଦ୍ରୀକରଣର ବିପର୍ଯ୍ୟସ୍ତ ପରିସ୍ଥିତି, ରାଷ୍ଟ୍ରପତି ଓ ଉପରାଷ୍ଟ୍ରପତି ନିର୍ବାଚନ ପ୍ରଭୃତି ପ୍ରସଙ୍ଗରେ ସଂସଦରେ ଏହି ଉଭୟ ଦଳର ଭୂମିକା ସ୍ୱାମୀ ସ୍ତ୍ରୀ ଭୂମିକା ପରି ପରିଲକ୍ଷିତ ହୋଇଛି। ସମସ୍ତ ପ୍ରସଙ୍ଗରେ ବିଜେଡି ଭାଜପାକୁ ଆଖିବୁଜା ସମର୍ଥନ କରିଛି। ଦୁଇଦଳ ମଧ ଏକାଠି ୯ବର୍ଷ ଶାସନ କରିଛନ୍ତି। କେବଳ ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ଓଡ଼ିଶାରେ ଏହି ଦୁଇଦଳ ମିଛରେ କଳି ଲାଗନ୍ତି। ଏଣୁ ତାଙ୍କର ସୁସମ୍ପର୍କକୁ ହୃଦୟଙ୍ଗମ କରି ଛାତ୍ର କଂଗ୍ରେସ ଏହି ବିବାହ ଉତ୍ସବ ଆୟୋଜନ କରିଥିଲା ବୋଲି ୟାସିର କହିଛନ୍ତି। ଓଡ଼ିଶାର ଲୋକ ଜାଣିରଖନ୍ତୁ ଯେ ଭାଜପା ଓ ବିଜେଡି ଏକ ଏବଂ ସେମାନେ ଓଡ଼ିଶାବାସୀଙ୍କ ସ୍ୱାର୍ଥ ବିରୋଧୀ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର, ପିସିସି ସଭାପତିଶରତ ପଟ୍ଟନାୟକ, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବିଧାୟକ ସୁରେଶ ରାଉତରାୟ, ବିଜୟ ପଟ୍ଟନାୟକ, ମାନସ ଚୌଧୁରୀ, ରଣଜିତ ପାତ୍ର, ପ୍ରକାଶ ମିଶ୍ର, ଅଜୟ ସାହୁ, ମହମ୍ମଦ ଗୁଲଫାମ, କାର୍ତ୍ତିକେଶ୍ୱର କାଣ୍ଡି, ଲିପିକା ପାତ୍ର, ସ୍ପନ୍ଦନ ସ୍ୱାଇଁ, ସୌମ୍ୟରଞ୍ଜନ ବରାଳ, ଜୟକୃଷ୍ଣ ସୁବୁଦ୍ଧି, ବଳରାମ ନନ୍ଦ, ବଳରାମ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଭାଜପାରେ ବିଜେଡି,କଂଗ୍ରେସ କର୍ମୀ

ଭୁବନେଶ୍ୱର,୨୫।୧(ଅନିଲ ଦାସ)

ବିଜେଡି ଓ କଂଗ୍ରେସର ବହୁ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଗୁରୁବାର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବରିଷ୍ଠ ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ତାଙ୍କ ସହ ଜଟଣୀ ନିର୍ବାଚନମଣ୍ଡଳୀର ସମାଜସେବୀ ଦୀପକ ବିଶ୍ୱାଳ, ସତ୍ୟରଞ୍ଜନ ନାୟକ, କିଶୋର ଚନ୍ଦ୍ର ସାହୁ, ସୁଶାନ୍ତ ବରାଡ, ବଟକୃଷ୍ଣ ବରାଡ, ଗଗନ ବିଶ୍ୱାଳ, ସୁନୀଲ ବିଶ୍ୱାଳଙ୍କ ସମେତ ଶତାଧିକ ସମର୍ଥକ ଭାଜପାରେ ଯୋଗ ଦେଇଛନ୍ତି। ଭାରତୀୟ ଜନତା ପାର୍ଟି ବିଶ୍ୱର ସର୍ବବୃହତ୍ ରାଜନୈତିକ ଦଳ। ମୋଦିଜୀଙ୍କ ନେତୃତ୍ୱରେ ଭାରତ ବିକଶିତ ରାଷ୍ଟ୍ର ଭାବେ ନିଜକୁ ସ୍ଥାପିତ କରିବାକୁ ଯାଉଛି। ଲୋକମାନଙ୍କ ପାଇଁ କାମ କରିବା ମୋର ପ୍ରଥମ ଲକ୍ଷ୍ୟ। ସେଥିପାଇଁ ଭାଜପାରେ ଯୋଗଦେଲି ବୋଲି ଅର୍ଦ୍ଧେନ୍ଦୁ କହିଛନ୍ତି।

ଏକାମ୍ର ନିର୍ବାଚନମଣ୍ଡଳୀର ସମାଜସେବୀ ବିଶ୍ୱମୋହନ ମିଶ୍ର, ସୁନୀଲ ସାହୁ, ଦେବ ରାୟ, ପୂର୍ବତନ ସେନାଧିକାରୀ କର୍ଣ୍ଣେଲ ଅରୁଣ ରାଉତରାୟ, ରମାକାନ୍ତ ମିଶ୍ର, ଅମିତ ସିଂହ ପ୍ରମୁଖ ଭାଜପାରେ ଯୋଗ ଦେଇଛନ୍ତି। ଉତ୍ତର ଭୁବନେଶ୍ୱର ନିର୍ବାଚନମଣ୍ଡଳୀର ଦିବାକର ପରିଡା, କଲ୍ୟାଣପୁର ଗ୍ରାମ ପଞ୍ଚାୟତ ସମିତି ସଭ୍ୟ ମୋନାଲିସା ସେନାପତି, ଝିଙ୍କରଡିହା ଯୁବ ନେତା ପିଣ୍ଟୁ, ଅବସରପ୍ରାପ୍ତ ଇଞ୍ଜିନିୟର ବସନ୍ତ କୁମାର ବେହେରା, ପାରାଦୀପ କଲେଜ ଅବସରପ୍ରାପ୍ତ ଅଧ୍ୟକ୍ଷ ସୁରେନ୍ଦ୍ର ମୋହନ ମିଶ୍ର, ଦାଢା ଗ୍ରାମ ପଞ୍ଚାୟତ ସମାଜସେବୀ ସଭାପତି ତନୁଜା ପ୍ରିୟଦର୍ଶିନୀ, ସମାଜସେବୀ ଅଜୟ କୁମାର ମହାନ୍ତିଙ୍କ ସମେତ ବହୁ କର୍ମୀ ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ସେହିପରି ଜୟଦେବ ନିର୍ବାଚନମଣ୍ଡଳୀର ସମାଜସେବୀ ସସ୍ମିତା ସାମନ୍ତରାୟ, ତୃପ୍ତିବାଲା ବସ୍ତିଆ, ଦୈତାରୀ ପ୍ରଧାନ, ଇସ୍ରାଇଲ ମହମ୍ମଦ ପ୍ରମୁଖ ଭାଜପାରେ ଯୋଗଦାନ କରିଛନ୍ତି।

ବେଗୁନିଆ ନିର୍ବାଚନମଣ୍ଡଳୀର ବହୁ ବିଜେଡି ନେତା ସୁଶାନ୍ତ ନାଥ, ରବୀନ୍ଦ୍ର ପ୍ରଧାନ, ସୁଦର୍ଶନ ବରାଳ, ଗଗନ ବିହାରୀ ଶ୍ରୀଚନ୍ଦନ, ଦୟାନିଧି ଭୋଳ, ବିନୋଦ ଚନ୍ଦ୍ର ସ୍ୱାଇଁ, ଲକ୍ଷବଛ ରଣବିଜୁଳି, ମାନସ ପଣ୍ଡା, ଦେବରାଜ ଜେନା ପ୍ରମୁଖ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦାନ କରିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ମନମୋହନ ସାମଲ, ସମୀର ମହାନ୍ତି, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ, ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର, ବିରଞ୍ଚି ନାରାୟଣ ତ୍ରିପାଠୀ, ରାଜ୍ୟ ସାଧାରଣ ସମ୍ପାଦକ ଯତୀନ ମହାନ୍ତି, ଭୁବନେଶ୍ୱର ଜିଲା ସଭାପତି ବାବୁ ସିଂ, ଖୋର୍ଦ୍ଧା ଜିଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ପ୍ରମୁଖ ନେତୃବୃନ୍ଦ ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଛନ୍ତି।

**ପୂର୍ବ ତଟ ରେଳପଥ**
ଟେଣ୍ଡର ବିଜ୍ଞପ୍ତି ସଂ. 64/ET/SBP/ENGG/2023-24 ତା. 22.01.2024 ରିଖ
ଇ-ଟେଣ୍ଡର ସଂ. 49-eT-SDENC-SBP-23
କାର୍ଯ୍ୟର ନାମ : ରେଲୱେ ଷ୍ଟାଡିୟମ, ସମ୍ବଲପୁରରେ ଶୟନକକ୍ଷ (Dormitory)(G+1)ର ନିର୍ମାଣ
କାର୍ଯ୍ୟର ଆନୁମାନିକ ମୂଲ୍ୟ (₹): 2,30,36,245.15, EMD (₹): 2,65,200/-, କାର୍ଯ୍ୟ ଶେଷ ହେବା ଅବଧି : 05 (ପାଞ୍ଚ) ମାସ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.16.02.2024.ରିଖ 1500 ଘଟିକାରେ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ଅଟେ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।
ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ସମ୍ବଲପୁର
PR-1025/O/23-24

**TPCODL**
**TP CENTRAL ODISHA**
DISTRIBUTION LIMITED
(A Joint Venture of Tata Power and Government of Odisha)
1st Floor, Anuj Building, Plot No.29, Satya Nagar, Bhubaneswar, Odisha - 751007
**NOTICE INVITING TENDER**
NIT No: TPCODL/P&S/NIT/23-24/29
Bids are invited from eligible Bidders for the following tenders of TPCODL:

| Sl. No. | Tender Enquiry No. | Tender Description |
|---|---|---|
| 1 | TPCODL/P&S/1000000565/23-24 | SITC of 42U Server Racks, iPDU & Cold aisle containment at Technology Centre. |
| 2 | TPCODL/P&S/1000000568/23-24 | Supply of Various Electrical Testing Equipment |

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPCODL website **https://www.tpcentralodisha.com**. All tenders will be available on TPCODL website w.e.f. from **dtd.25.01.2024**. Future communication / corrigendum to tender documents, if any, shall be available on TPCODL website.

**ଦ.ପୂ. ରେଳପଥ - ଟେଣ୍ଡର**
ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏସ୍‌ଇଆର୍ ପି ସିକେପି ଟିଏଡିକେ ୨୦୨୩-୨୪, ତାରିଖ: ୧୯।୦୧।୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ଚକ୍ରଧରପୁର, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। **କାର୍ଯ୍ୟର ନାମ:** ଟିଏଡିକେ ବଦଳରେ ଆଉଟସୋର୍ସିଂ ଏଜେନ୍ସି ମାଧ୍ୟମରେ ଚୁକ୍ତି ଭିତ୍ତିରେ ଆଟେଣ୍ଡାଣ୍ଟଙ୍କ ନିଯୋଜନ। **କାର୍ଯ୍ୟର ମୂଲ୍ୟ:** ₹୧,୮୨,୨୯,୫୮୭.୬୮। **ଅମାନତ ରାଶି:** ₹୨,୪୧,୨୦୦/-। **ଇ-ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୧୯।୦୨।୨୦୨୪ରିଖ ୧୫.୦୦ ଘଟିକା। **ୱେବସାଇଟ୍ ସବିଶେଷ ଓ ବିବରଣୀ:** https://www.ireps.gov.in (PR-1067)

**Shree Jagannath Temple Office, Puri**
**Notice Inviting Tender Bid Identification No. 03/23-24(Elect.) Dt.24.01.24, Memo No. 1091, Dt.24.01.24**
"Repair & renovation of Electrical instalations such as switch, socket & fan AC machines & periphery light of Shree Gundicha Bhakta Niwas, Puri".
Visit Website: **www.shreejagannatha.in**.
Last date: 02.02.24 by 3.00 P.M.
**Sd./- Administrator**
**Shri Jagannath Temple, Puri**

**OFFICE OF THE DEO-CUM-DPC**
**SAMAGRA SHIKSHA, ANGUL, ODISHA**
Phone & Fax: 06769-2500937/2509934, E-mail: dpcangulssa.opepa@nic.in
Notice No. 167/PED/2024 Date: 25.01.2024
**NOTICE INVITING TENDER (NIT)**
Sealed tenders are invited from the reputed & credible printers/firms/agencies for printing & supply of "Question cum Answer Sheets, Answer key & Oral Questions" for SA-II 2023-24 for Class-I to VIII Students in two bid systems (Technical & Financial Bid) as detailed below.

| Name of the Tender | Bid Processing Fees | Amount of EMD | Last Date & Time of receipt of Bid | Date & Time of Opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II 2023-24 | Rs.2,000/- (Two thousand only) | 2% of Bid Value | 08.02.2024 by 5.00 P.M. | 09.02.2024 at 11.00 A.M. |

The detailed BID document is available in the website **www.angul.nic.in, www.osepa.odisha.gov.in**. Interested and eligible agency/firm may download BID DOCUMENT from the above website and apply accordingly Corrigneadum/Addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/reject any full or part/all BID/cancel the entire selection process at any stage without assigning any reason thereof.
By the order of the Collector-cum-Chairman, SS, Angul
**Sd./- DEO-cum-DPC**
**Samagra Shiksha, Angul**

**ODISHA BUILDING & OTHER CONSTRUCTION WORKERS' WELFARE BOARD, GOVERNMENT OF ODISHA**
**ବିଜ୍ଞପ୍ତି**
ଏତଦ୍ୱାରା ରାୟଗଡ଼ା ଜିଲ୍ଲାର ନିର୍ମାଣ ଶ୍ରମିକ ଭାଇ ଏବଂ ଭଉଣୀମାନଙ୍କୁ ଜଣାଇ ଦିଆଯାଉଛି ଯେ, ଯଥାଶୀଘ୍ର **https://nirmanshramik.odisha.gov.in** ପୋର୍ଟାଲରେ ଆବେଦନକରି ନିର୍ମାଣ ଶ୍ରମିକଭାବେ ପଞ୍ଜୀକୃତ ହୁଅନ୍ତୁ ଏବଂ ପଞ୍ଜୀକରଣ ପରେ ନିମ୍ନ ସହାୟତାଗୁଡ଼ିକର ଲାଭ ଉଠାନ୍ତୁ।
**ଯଥା:**
୧. ସ୍ୱାଭାବିକ ମୃତ୍ୟୁ ପାଇଁ ୨,୦୦,୦୦୦/– ଟଙ୍କା
୨. ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ୪,୦୦,୦୦୦/– ଟଙ୍କା
୩. ବିବାହକାଳୀନ ସହାୟତା ପାଇଁ ୫୦,୦୦୦/– ଟଙ୍କା
୪. ପ୍ରସୂତିକାଳୀନ ସହାୟତା ପାଇଁ ୧୦,୦୦୦/– ଟଙ୍କା
୫. ଅନ୍ତ୍ୟେଷ୍ଟି କ୍ରିୟା ସହାୟତା ପାଇଁ ୫,୦୦୦/– ଟଙ୍କା
ଆଗ୍ରହୀ ପଞ୍ଜୀକୃତ ନିର୍ମାଣ ଶ୍ରମିକମାନେ ସେମାନଙ୍କର ୨ଟି ସନ୍ତାନ ପାଇଁ **https://scholarship.odisha.gov.in** ପୋର୍ଟାଲରେ ଆବେଦନ କରିପାରିବେ।
୧. ଷଷ୍ଠ ଓ ସପ୍ତମଶ୍ରେଣୀ ପଢୁଥିବା ବାଳିକା ପାଇଁ ବାର୍ଷିକ ୨,୦୦୦/– ଟଙ୍କା
୨. ଅଷ୍ଟମଶ୍ରେଣୀ ପଢୁଥିବା ସନ୍ତାନଙ୍କ ପାଇଁ ବାର୍ଷିକ ୨,୦୦୦/– ଟଙ୍କା
୩. ନବମଶ୍ରେଣୀ ପଢୁଥିବା ସନ୍ତାନଙ୍କ ପାଇଁ ବାର୍ଷିକ ୩,୦୦୦/– ଟଙ୍କା
୪. ଦଶମଶ୍ରେଣୀ ପଢୁଥିବା ସନ୍ତାନଙ୍କ ପାଇଁ ବାର୍ଷିକ ୪,୦୦୦/– ଟଙ୍କା
୫. ଦଶମ ଶ୍ରେଣୀରୁ ଉର୍ଦ୍ଧ୍ୱ ପଢୁଥିବା ତଥା ଦଶମରେ ୯୦% ମାର୍କ ରଖିଥିବା ସନ୍ତାନଙ୍କ ପାଇଁ ଏକକାଳୀନ ୧୦,୦୦୦/– ଟଙ୍କା ସହାୟତା।
୬. ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପଢୁଥିବା ସନ୍ତାନଙ୍କ ପାଇଁ ବାର୍ଷିକ ୫,୦୦୦/– ଟଙ୍କା
୭. ବି.ଏ./ବି.ଏସ୍‌ସି./ବି.କମ୍/ପୋଷ୍ଟ ଗ୍ରାଜୁଏଟ ପଢୁଥିବା ସନ୍ତାନଙ୍କ ପାଇଁ ବାର୍ଷିକ ୭,୦୦୦/– ଟଙ୍କା
୮. ବି.ଇଡ଼ି/ସିଟି/ନର୍ସିଂ/ଅନ୍ୟାନ୍ୟ ସରକାରୀ ସ୍ୱୀକୃତିପ୍ରାପ୍ତ ତାଲିମ ପାଇଁ ବାର୍ଷିକ ୧୦,୦୦୦/– ଟଙ୍କା
୯. ବି.ଟେକ୍/ଏମ୍.ଏସ୍‌ସି/ଏମ୍‌ସିଏ/ଏମ୍‌ବିଏ/ବି.ଆର୍ଚିଟେକ୍ଚ/ଏମ୍.ଆର୍ଚିଟେକ୍ଚ/ଏମ୍.ଟେକ୍/ବି. ଫାର୍ମା/ଏମ୍. ଫାର୍ମା/ହୋଟେଲ ମ୍ୟାନେଜମେଣ୍ଟ ଆଣ୍ଡ କ୍ୟାଟେରିଂ ସର୍ଭିସ୍/ମେଡ଼ିକାଲ ସର୍ଭିସ୍ (ଏଲୋପାଥିକ୍/ଆୟୁର୍ବେଦିକ୍ ଆଣ୍ଡ ହୋମିଓପାଥିକ୍) କେବଳ ସରକାରୀ କଲେଜ ସହାୟତା ପାଇଁ ବାର୍ଷିକ ୪୦,୦୦୦/– ଟଙ୍କା
୧୦. ଏସିସିଟିଇଭିଟି ଦ୍ୱାରା ପ୍ରଦତ୍ତ ଫି ସରକାରୀ ସ୍ୱୀକୃତିପ୍ରାପ୍ତ ଆଇଟିଆଇ ଏବଂ ଡିପ୍ଲୋମା/ପଲିଟେକ୍‌ନିକ୍ କୋର୍ସ (ନିର୍ମାଣ କୁସୁମ) ସହାୟତା।
ବି.ଦ୍ର.: ବାଳିକାମାନଙ୍କ ପାଇଁ ୨୦% ଅତିରିକ୍ତ ସହାୟତା।
ସୌଜନ୍ୟ: ଜିଲ୍ଲା ଶ୍ରମ କାର୍ଯ୍ୟାଳୟ, ରାୟଗଡ଼ା

**STEEL AUTHORITY OF INDIA LIMITED**
**Rourkela Steel Plant**
Rourkela - 769 011, Odisha, India
REF. NO. – WC / 5203 DATE: - 18-01-2024
NOTICE INVITING APPLICATIONS FOR ALLOTMENT OF KIOSK INSIDE ROURKELA STEEL PLANT
The application forms containing of the terms and conditions for allotment of kiosk (TOP-II KIOSK near TOP-II area) on license basis is available in the office of GM (PL – IR, ER, C, T & M) on payment of Rs.200/- (Rupees two hundred only) including all taxes towards cost of application papers. The application papers can also be downloaded from our website https://sailtenders.co.in. In such case, the duly filled in application form shall be treated as valid application and should be sent along with the receipt of Rs.200/- (Online deposit through SB collect).
Applications will be accepted up to 3.00 P.M of 16-02-2024.
GM (PL – IR, ER, C, T & M)
Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in
*There's a little bit of SAIL in everybody's life*

**DISTRICT PROJECT OFFICE**
**RTE-SS, JAGATSINGHPUR**
Notice No. 122/Ped/24 Date: 19.01.24
**TENDER CALL NOTICE FOR PRINTING AND SUPPLY OF QUESTION-cum-BLANK ANSWER SHEET (SA-II 2023-24)**
Sealed tenders are invited in the prescribed format from reputed firms having uptodate DIC, TAN/PAN, GST Registration Certificate for printing, packing and supply of Question-cum-Blank Answer Sheets, Answer Keys, Oral Questions for Summative Assessment-II 2023-24 for Class-I to VIII in respect of all Govt. & Govt. Aided Primary & upper Primary School of Jagatsinghpur District.
The details are also available in NIC website: **www.jagatsinghpur.nic.in**.
By Order of Collector-cum-Chairperson, SS, Jagatsinghpur
Sd./- District Project Coordinator
RTE-SS, Jagatsinghpur

**कार्यपालक अभियंता का कार्यालय,**
**ग्रामीण कार्य विभाग, कार्य प्रमण्डल, चक्रधरपुर ।**
E-mail : rwdchakradharpur@gmail.com
ई– निविदा आमंत्रण सूचना
ई0– निविदा संख्या :– 05/2023-24/RWD/CHAKRADHARPUR दिनांक–24.01.2024
कार्य का विवरण – मुख्यमंत्री ग्राम सड़क सुदृढ़ीकरण योजना अन्तर्गत।
कार्यपालक अभियंता, ग्रामीण कार्य विभाग, कार्य प्रमंडल, चक्रधरपुर द्वारा निम्न विवरण के अनुसार e-procurement पद्धति से पैकेज के रूप में निविदा आमंत्रित की जाती है।

| क्र० | आईडेन्टी फिकेशन संख्या | प्रखण्ड का नाम | योजना का नाम | प्राक्कलित राशि (लाख में) अंक में (लाख में) | प्राक्कलित राशि (लाख में) अक्षर में (रूपये में) | कार्य समाप्ति की अवधि | टेंडर कॉल |
|---|---|---|---|---|---|---|---|
| 1 | RWD/ CHAKRADHARPUR/ STPKG-10/2023-24 | चक्रधरपुर | इचाकुटी मोड से गुईबेरा भाया उदूटूआ पथ का सुदृढ़िकरण कार्य। (लम्बाई 10.10 कि०मी०) | 1427.337 | चौदह करोड़ सताईस लाख तैंतीस हजार सात सौ मात्र। | 9 माह | प्रथम |
| 2 | | चक्रधरपुर | सोनुवा मुख्य पथ से कोमाय भाया गुईकेरा चौक तक पथ का सुदृढ़िकरण कार्य। (लम्बाई 6.50 कि०मी०) | | | | |
| 3 | | चक्रधरपुर | धनगाँव से कोटसोना तक पथ का सुदृढ़िकरण कार्य। (लम्बाई 2.50 कि०मी०) | | | | |
| 4 | | चक्रधरपुर | चक्रधरपुर से चेलाबेरा तक पथ का सुदृढ़िकरण कार्य। (लम्बाई 2.00 कि०मी०) | | | | |

2. बेवसाईट में निविदा प्रकाशन की तिथि : 03.02.2024
3. ई– निविदा प्राप्ति की अंतिम तिथि एवं समय :– 13.02.2024 अपराहन् 5:00 बजे।
4. निविदा खोलने की तिथि एवं समयः 15.02.2024 अपराहन् 11:00 बजे।
5. निविदा आमंत्रित करने वाले पदाधिकारी का नाम एवं पता:– कार्यपालक अभियंता, ग्रामीण कार्य विभाग, कार्य प्रमंडल, चक्रधरपुर।
6. सरकार के संयुक्त सचिव, ग्रामीण कार्य विभाग झारखण्ड राँची के पत्रांक 3130 (अनु०) दिनांक 09.10.2023 द्वारा दिये गये निदेश के अनुपालन में निविदा शूल्क एवं अग्रधन की राशि केवल **Online Mode** द्वारा स्वीकार्य होगी।
7. ई–निविदा प्रकोश्ठ का दूरभाश सं०–7970758588
विस्तृत जानकारी के लिये बेबसाईट **jharkhandtenders.gov.in** में देखा जा सकता है।
''वोट जैसा कुछ नहीं, वोट जरूर डालेंगे हम''
ह०/–
कार्यपालक अभियंता
ग्रामीण कार्य विभाग, कार्य प्रमंडल, चक्रधरपुर
PR 316919 West Singhbhum(23-24)D

# କ୍ଷତିପୂରଣ ପରେ ରେଳ ଧାରଣାରୁ ଉଠିଲା ମୃତଦେହ

ରାୟଗଡ଼ା/ଜେକେପୁର,୨୫।୧ (ଆଶିଷ ରଞ୍ଜନ ପଣ୍ଡା/ ନିଧି ଗାଣ୍ଡେଚା)


ଏଡିଇଏନ୍ ସଞ୍ଜୀବ ଦୀକ୍ଷିତ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ରାୟଗଡ଼ା-ଜେକେପୁର ମଧ୍ୟରେ ଚାଲିଥିବା ବିଶାଖାପାଟଣା-ଟିଟିଲାଗଡ଼ ତୃତୀୟ ରେଳ ଲାଇନରେ ବୁଧବାର ରାତି ୧୧ଟାରେ ଟ୍ରାଏଲ ରନ୍ ଚାଲିଥିବାବେଳେ ଅଘଟଣ ଘଟିଛି। ସ୍ପିଡ୍ ମେକର ଟ୍ରେନ ଇଞ୍ଜିନ୍ ଟ୍ରାଏଲ ରନ୍ କରୁଥିବା ସମୟରେ ଦେବଦଲାଗୁଡ଼ା ଗ୍ରାମ ନିକଟରେ ୨ଜଣ କପାଚାଷୀଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ମୃତକ ଦ୍ୱୟ ହେଲେ ରାୟଗଡ଼ା ବ୍ଲକ ଚାନ୍ଦିଲି ଥାନା ଅନ୍ତର୍ଗତ ଦେବଦଲାଗୁଡ଼ା ଗ୍ରାମର ଆମିସି ରାଓ ପୁଲାକା(୩୭) ଓ ସିବାନା କାଡ୍ରାକା(୩୪)। ଦୁର୍ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଗ୍ରାମବାସୀ ନବନିର୍ମିତ ତୃତୀୟ ରେଳ ଲାଇନରେ ଧାରଣାରେ ବସିଥିଲେ। ରେଳ ବିଭାଗ ପକ୍ଷରୁ ଉଭୟଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଘୋଷଣା କରାଯିବା ପରେ ଗ୍ରାମବାସୀ ଗୁରୁବାର ପୂର୍ବାହ୍ନ ପ୍ରାୟ ୧ଟାରେ ରେଳଧାରଣାରୁ ମୃତଦେହ ଉଠାଇଛନ୍ତି। ପରେ ଉଭୟଙ୍କ ମୃତଦେହକୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

ପୂର୍ବତଟ ରେଳପଥ ବିଭାଗର ନିରାପତ୍ତା କମିଶନର ବ୍ରିଜେଶ କୁମାର ନିର୍ମାଣାଧୀନ ତୃତୀୟ ରେଳଲାଇନର ସ୍ଥିତି ଅନୁଧ୍ୟାନକରି ଫେରିବାର କିଛି ଘଣ୍ଟା ପରେ ଏହି ଅଘଟଣ ଘଟିଥିଲା। ଟ୍ରେନ୍ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ପ୍ରଥମେ ଜିଆର୍‌ପି ପୋଲିସ ଓ ଆର୍‌ପିଏଫ୍ କର୍ମଚାରୀ ସେଠାରେ ପହଞ୍ଚିଥିଲେ ମଧ୍ୟ କୌଣସି ସମାଧାନ ହୋଇପାରି ନ ଥିଲା। ଗୁରୁବାର ରାୟଗଡ଼ା ତହସିଲଦାର ପ୍ରିୟଦର୍ଶିନୀ ସ୍ୱାଇଁ, ପୋଲିସ ଅତିରିକ୍ତ ଏସ୍‌ପି ବିଷ୍ଣୁପ୍ରସାଦ ପାତ୍ର, ଚାନ୍ଦିଲି ଥାନା ଆଇଆଇସି ପ୍ରସନ୍ନ ବେହେରାଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ୱାଲ୍‌ଟିୟର ରେଳ ଡିଭିଜନର ରାୟଗଡ଼ା ଏଡିଇଏନ୍ ସଞ୍ଜୀବ ଦୀକ୍ଷିତ ଏବଂ ଜିଆର୍‌ପି ଡିଏସ୍‌ପି ଦେବେନ୍ଦ୍ର ପିଙ୍ଗୁଆ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ବାବଦକୁ ଉଭୟ ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କା ଲେଖାଏ କ୍ଷତିପୂରଣ ଦେବା ନେଇ ଘୋଷଣା କରିଥିଲେ। ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ।

### ଟ୍ରାଏଲ ରନ୍ ବେଳେ ଟ୍ରେନ୍ ଧକ୍କାରେ ୨ ଜଣଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ସୂଚନାଥାଉକି, ଏହି ଘଟଣାର ସମାଧାନ ପାଇଁ କୁମୁଟିପେଣ୍ଠ ସରପଞ୍ଚ ହରି କାଡ୍ରାକା, ଭାଜପା ନେତା ବସନ୍ତ ଉଲାକା ଓ କଂଗ୍ରେସ ନେତା ଆପଲସ୍ୱାମୀ କାଡ୍ରାକା, ଯୁବନେତା ତରୁଣ ଗରଡ଼ିଆ ପ୍ରମୁଖ ସେଠାରେ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହିତ ରେଳ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ। ମିଳିଥିବା ସୂଚନା ଅନୁସାରେ, ମୃତ ଆମିସିଙ୍କ ପତ୍ନୀଙ୍କ ପୂର୍ବରୁ ମୃତ୍ୟୁ ହୋଇଯାଇଥିବାବେଳେ ଏବେ ତାଙ୍କ ମୃତ୍ୟୁ ପରେ ତାଙ୍କର ୩ଝିଅ ଅନାଥ ହୋଇଯାଇଛନ୍ତି। ସେହିଭଳି ସିବାନାଙ୍କ ୨ଝିଅ ଓ ଗୋଟିଏ ପୁଅ ରହିଛନ୍ତି। ତେଣୁ ରେଳ ବିଭାଗ ଏଥିପ୍ରତି ଧ୍ୟାନ ଦେଇ ସେମାନଙ୍କୁ ଅଧିକ ଆର୍ଥିକ ସହଯୋଗ ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଲାଲ୍‌କିଲ୍ଲା ପରେଡ୍‌ରେ ଭାଗନେବେ ଗୁଣପୁର ଛାତ୍ର

ଗୁଣପୁର,୨୫।୧ (ପ୍ରଦୀପ କୁମାର ପାଢ଼ୀ)


ଜିହୋସୁୟା ପାଲ।

ନୂଆଦିଲ୍ଲୀରେ ସାଧାରଣ ତନ୍ତ୍ର ଦିବସ ପରେଡ୍‌ରେ ଭାଗନେବେ ରାୟଗଡା ଜିଲା ଗୁଣପୁର ଏନ୍‌ସିସି କ୍ୟାଡେଟ ଜିହୋସୁୟା ପାଲ୍। ସେ ଗୁଣପୁର କଲେଜର ଛାତ୍ର ହୋଇଥିବାବେଳେ ତାଙ୍କ ଘର ପୁଟାସିଂ ଅଞ୍ଚଳରେ। ଯୁକ୍ତ ୩ ପ୍ରଥମ ବର୍ଷ କଳା ଛାତ୍ର ତଥା ଏନ୍‌ସିସିର ତୃତୀୟ ବର୍ଷ ଛାତ୍ର ଜିହୋସୁୟା ଜନରାଜ୍ୟ ଦିବସ ପରେଡରେ ପିଏମ୍ ରାଲି ପାଇଁ ଚୟନ ହୋଇଥିବା ଗୁଣପୁର ଏନ୍‌ସିସିର ଏଏନ୍‌ଓ ତଥା ଗଣିତ ବିଭାଗର ଅଧ୍ୟାପକ ଲ୍ୟୁଟ୍‌ନାଣ୍ଟ ଜିତେନ୍ଦ୍ର ବଡମୁଣ୍ଡି ସୂଚନା ଦେଇଛନ୍ତି। ଏହି ସଫଳତା ପାଇଁ ଜିହୋସୁୟାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। କଲେଜର ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତି, ଡ.ସୂର୍ଯ୍ୟ ନାରାୟଣ ପଣ୍ଡାଙ୍କ ସମେତ ପ୍ରାଧ୍ୟାପକ, ଅଧ୍ୟାପିକା, ଅଧ୍ୟାପକ ଏବଂ କଲେଜର ଛାତ୍ରୀଛାତ୍ରମାନେ ଶୁଭକାମନା ଜଣାଇଛନ୍ତି।

# ଅଲେଖ ମହିମା ଧର୍ମର ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ


ଅଲେଖ ମହିମା ସାଧୁମାନେ ପୂଜାର୍ଚ୍ଚନା କରୁଛନ୍ତି।

ଗୁଣପୁର,୨୫।୧ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ବ୍ଲକ ଘନାନ୍ତ୍ରୀ ପଞ୍ଚାୟତର ଆମ୍ବାବାଡି ଗ୍ରାମଠାରେ ଥିବା ଅଲେଖ ମହିମା ବିକାଶ ଟ୍ରଷ୍ଟ ପକ୍ଷରୁ ବିଶ୍ୱଶାନ୍ତି ଅଖଣ୍ଡ ବ୍ରହ୍ମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ପୌଷ ଶୁକ୍ଳ ଚତୁର୍ଦ୍ଦଶୀ ବୁଧବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଯଜ୍ଞ ପୌଷ ପୂର୍ଣ୍ଣିମା ଗୁରୁବାର ସକାଳେ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଏହି ସମୟ ମଧ୍ୟରେ ବ୍ରହ୍ମଧ୍ୱନି ସ୍ଥାପନ, ଝାଡବତି ପ୍ରଜ୍ୱଳନ, ଘୃତାହୁତି, ପ୍ରଭୁନାମ ଭଜନ, ବାଲ୍ୟଲୀଳା, ଚୂଡ଼ାକରଣ ଏବଂ ଧର୍ମାଲୋଚନା ସଭା ଆଦି କାର୍ଯ୍ୟକ୍ରମ ହୋଇଥିଲା। ଶେଷଦେବ ସେନାପତି, ତ୍ରିନାଥ ଶବର, ପଦ୍ମ ଶବର, ନବୀନ ଶବର, ଗୋପୀନାଥ ଶବର, କବିର ବଡିକା, ଦେବରାଜ ଗାଣ୍ଡା, ପ୍ରତାପ ଗାଣ୍ଡା, ସୁନିତ ଶବର ପ୍ରମୁଖଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ଶେଷରେ ଅନ୍ନପ୍ରସାଦ ସେବନ କାର୍ଯ୍ୟକ୍ରମ ହୋଇଥିଲା। ଛତିଶଗଡ, ଆନ୍ଧ୍ରପ୍ରଦେଶ, ପୁରୀ, ମୁନିଗୁଡା, ଚନ୍ଦ୍ରପୁର, ବିଷମକଟକ, କୋରାପୁଟ, କାଶୀପୁର, ନବରଙ୍ଗପୁର, ଗଜପତି, ଗଞ୍ଜାମ ସମେତ ସ୍ଥାନୀୟ ଅଞ୍ଚଳରୁ ବହୁ ଅଲେଖ ମହିମା ଧର୍ମୀ ସାଧୁସନ୍ଥ ଯୋଗଦେଇଥିଲେ।

## ସଂକ୍ଷେପରେ

### ନମୋ ନବ ମତଦାତା ଦିବସ ପାଳିତ

ରାୟଗଡ଼ା,୨୫।୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ଉମେଶ ଖୋସଲାଙ୍କ ସଭାପତିତ୍ୱରେ ଗୁରୁବାର ଭାଜପା ଜିଲା କାର୍ଯ୍ୟାଳୟଠାରେ ନମୋ ନବ ମତଦାତା ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏଥିରେ ଜିଲା ସଭାପତି ଶିବ ପଟ୍ଟନାୟକ, ଜାତୀୟ ଆଦିବାସୀ ମୋର୍ଚ୍ଚା ସମ୍ପାଦକ କାଳିରାମ ମାଝି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବସନ୍ତ ଉଲାକା, ରାଜ୍ୟ ଯୁବ ମୋର୍ଚ୍ଚା ଉପସଭାପତି ନୀଳାଦ୍ରି ବିହାରୀ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୧୨ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ଟ୍ରେନ୍ ଉପରେ ଚଢ଼ି ବିଦ୍ୟୁତ୍ ତାର ଧରି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

ଗୁଣୁପୁର, ୨୫।୧ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ରେଳ ଷ୍ଟେଶନରେ ବୁଧବାର ରାତିରେ ପୁରି - ଗୁଣପୁର ଟ୍ରେନ୍ ଉପରେ ଚଢ଼ି ବିଦ୍ୟୁତ୍ ତାର ଧରି ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ବିଦ୍ୟୁତ୍ ଆଘାତରେ ଯୁବକଙ୍କ ଶରୀର ପୋଡ଼ିଯାଇଥିବାରୁ ସେ ଗୁରୁତର ହୋଇଛନ୍ତି। ଏ ସମ୍ପର୍କରେ ଷ୍ଟେଶନରେ ଉପସ୍ଥିତ ଥିବା ଯାତ୍ରୀ ଗୁଣୁପୁର ଦମକଳ ବାହିନୀକୁ ଖବର ଦେବାରୁ କର୍ମଚାରୀମାନେ ସେଠାରେ ପହଞ୍ଚି ଗୁରୁତର ଅବସ୍ଥାରେ ଯୁବକଙ୍କୁ ଉଦ୍ଧାରକରି ଗୁଣପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ଯୁବକଙ୍କ ନାମ ଜି . ସାଇକ୍ରିଷ୍ଣା। ସେ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲାର କତୁରୁ ଗ୍ରାମର ବୋଲି ଜଣାପଡିଛି। ଯୁବକ ଜଣକ କାହିଁକି ଟ୍ରେନ ଉପରେ ଚଢିଥିଲେ, କେଉଁ କାରଣରୁ ଆତ୍ମହତ୍ୟା ଉଦ୍ୟମ କରିଥିଲେ ତାହା ସ୍ପଷ୍ଟ ହୋଇପାରି ନାହିଁ। ଘଟଣା ପରେ ରେଲୱେ ପୋଲିସ ଏହାର ତଦନ୍ତ ଆରମ୍ଭ କରିଛନ୍ତି।

# ପ୍ରଶାସନର ପ୍ରତିଶ୍ରୁତି ପରେ ସତ୍ୟାଗ୍ରହରୁ ହଟିଲେ ଗ୍ରାମବାସୀ

### ସ୍ୱାଧୀନତାର ୭୫ ବର୍ଷ ପରେ ବି ମୌଳିକ ସୁବିଧାରୁ ବଞ୍ଚିତ

ରାୟଗଡ଼ା/ଟିକିରି,୨୫।୧ (ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ୍ଲ କୁମାର ବେହେରା)


ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ସ୍ୱାଧୀନତାର ୭୫ବର୍ଷ ପରେ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ପାନୀୟ ଜଳ ଭଳି ମୌଳିକ ସୁବିଧା ପାଇଁ ଦୀର୍ଘ ଦିନ ସଂଗ୍ରାମ କଲେ। ବ୍ଲକଠାରୁ ଆରମ୍ଭ କରି ଜିଲା ପ୍ରଶାସନ, ନେତା, ମନ୍ତ୍ରୀ ସମସ୍ତଙ୍କୁ ଭେଟିଲେ ରାୟଗଡ଼ା ଜିଲା କାଶୀପୁର ବ୍ଲକ ଗୋରଖପୁର ପଞ୍ଚାୟତର କାହ୍ନୁଗୁଡ଼ା ଗ୍ରାମବାସୀ। ହେଲେ ସମସ୍ୟାର ସମାଧାନ ହେଲାନାହିଁ। ଶେଷରେ ବୁଧବାର ଆବାଳବୃଦ୍ଧବନିତା ନଦୀ ପାରି ହୋଇ ୨୨ କି.ମି ପଦଯାତ୍ରା କରି କାଶୀପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସତ୍ୟାଗ୍ରହରେ ବସିଲେ। ପ୍ରଶାସନିକ ଅଧିକାରୀମାନେ ବହୁ ବୁଝାସୁଝା କଲେ ମଧ୍ୟ ଲିଖିତ ପ୍ରତିଶ୍ରୁତି ନ ଦେଲେ ସତ୍ୟାଗ୍ରହରୁ ହଟିବେ ନାହିଁ ବୋଲି ନିଜ ଜିଦ୍‌ରେ ଅଡି ବସିଥିଲେ। ଶେଷରେ ପ୍ରଶାସନ ଶୁଣିଲା ଏବଂ ସମସ୍ତ ମୌଳିକ ସୁବିଧା ଉପଲବ୍ଧ ପାଇଁ ବିଭାଗୀୟ ଅଧିକାରୀମାନେ ଗୁରୁବାର ଲିଖିତ ପ୍ରତିଶ୍ରୁତି ଦେବା ପରେ ସତ୍ୟାଗ୍ରହରୁ ହଟିଛନ୍ତି ଗ୍ରାମବାସୀ।

କାଶୀପୁର ବ୍ଲକ ଗୋରଖପୁର ପଞ୍ଚାୟତ ଅନ୍ତର୍ଗତ କାହ୍ନୁଗୁଡ଼ା ଗ୍ରାମରେ ବିପର୍ଯ୍ୟସ୍ତ ଗମନାଗମନ, ଶିକ୍ଷା, ସାସ୍ଥ୍ୟ ଓ ପାନୀୟ ଜଳ ଯୋଗାଣ। ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ମିଳିଲା ନାହିଁ ସୁବିଧା। ଗୁହାରି କରି ଥକିଗଲେ ଗ୍ରାମବାସୀ। ଶେଷରେ ସାମାଜିକ କର୍ମୀ ବଳରାମ ପଣ୍ଡାଙ୍କ ନେତୃତ୍ୱରେ କାର୍ଯ୍ୟାଳୟ ସମ୍ମୁଖରେ ବୁଧବାର ଧାରଣାରେ ବସିଥିଲେ ଗ୍ରାମବାସୀ। ବ୍ଲକ ପ୍ରଶାସନ ବହୁ ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଏମ୍‌ପି ସପ୍ତଗିରି ଉଲାକା ଗୁରୁବାର ଆନ୍ଦୋଳନସ୍ଥଳକୁ ଯାଇ ଗ୍ରାମବାସୀଙ୍କ ସତ୍ୟାଗ୍ରହକୁ ସମର୍ଥନ ଜଣାଇଥିଲେ। ଅନ୍ୟପକ୍ଷରେ ଜିଲା ପ୍ରଶାସନ ନିର୍ଦ୍ଦେଶରେ ରାୟଗଡ଼ା ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ କାଶୀପୁର ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ଗ୍ରାମରେ ଆବଶ୍ୟକୀୟ ସୁବିଧା ପାଇଁ ସମ୍ପୃକ୍ତ ପ୍ରତ୍ୟେକ ବିଭାଗୀୟ ଅଧିକାରୀମାନେ ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ଗୁରୁବାର ସନ୍ଧ୍ୟାରେ ସତ୍ୟାଗ୍ରହକୁ ସ୍ଥଗିତ କରିଛନ୍ତି ଗ୍ରାମବାସୀ। ପ୍ରଶାସନ ପକ୍ଷରୁ ଯଦି ଲିଖିତ ସମସ୍ତ ପ୍ରତିଶ୍ରୁତି ପୂରଣ ନ ହୁଏ ତେବେ ଆଗାମୀ ଦିନରେ ଇଚ୍ଛା ମୃତ୍ୟୁ ଆବେଦନ ସହ ପୁନଃ ସତ୍ୟାଗ୍ରହ କରିବେ ବୋଲି କାହ୍ନୁଗୁଡା ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ଟିକିରି ସରକାରୀ ଉଚ୍ଚବିଦ୍ୟାଳୟ ବାର୍ଷିକ ଉତ୍ସବ

ଟିକିରି,୨୫।୧ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଟିକିରି ସରକାରୀ ଉଚ୍ଚବିଦ୍ୟାଳୟରେ ନୂଆ-ଓ ଯୁବ ଓଡିଶା ଓ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାୟଗଡା ବିଧାୟକ ମକରନ୍ଦ ମୁଦୁଲି ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ସରସ୍ୱତୀ ମାଝୀ, କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଟ ମାଝୀ, କାଶୀପୁର ବିଡିଓ ଦିପ୍ତିମୟୀ ସିଂହ ଏବଂ ମୋ ସ୍କୁଲ ଅଭିଯାନ



ସଭାପତି ରାମ ମୋହନ ମହାନ୍ତି ଉପସ୍ଥିତ ଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ରଞ୍ଜିତ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବିଭିନ୍ନ ଦାବିରେ ରାଜସ୍ୱ କ୍ଷେତ୍ର କର୍ମଚାରୀଙ୍କ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ


କ୍ଷେତ୍ର କର୍ମଚାରୀମାନେ ତହସିଲଦାରଙ୍କୁ ଦାବିପତ୍ର ଦେଉଛନ୍ତି।

ଗୁଣପୁର, ୨୫।୧ (ପ୍ରଦୀପ କୁମାର ପାଢ଼ୀ)

ପଦୋନ୍ନତି, ଦରମା ବୃଦ୍ଧି ଆଦି ଦାବି ନେଇ ଗୁଣପୁର ରାଜ୍ୟ ରାଜସ୍ୱ କ୍ଷେତ୍ର ଅଧିକାରୀ ସଂଘ ପକ୍ଷରୁ ରାଜସ୍ୱ ନିରୀକ୍ଷକ, ରାଜସ୍ୱ ସୁପରଭାଇଜର, ଏଆର୍‌ଆଇମାନେ ଗୁରୁବାର ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାୟଗଡ଼ା ଜିଲା ଗୁଣପୁର ତହସିଲଦାର ଲୀଳାବତୀ ଆଚାର୍ଜିଙ୍କୁ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ। ପରେ କ୍ଷେତ୍ର କର୍ମଚାରୀମାନେ କଳାବ୍ୟାଜ୍ ପିନ୍ଧି ଆନ୍ଦୋଳନ ଆରମ୍ଭ କରିଛନ୍ତି। ଆସନ୍ତା ଫେବୃଆରୀ ୫ ସୁଦ୍ଧା ସେମାନଙ୍କ ଦାବି ପୂରଣ ନ ହେଲେ କଲମ ଛାଡ଼ ଆନ୍ଦୋଳନ କରାଯିବ ବୋଲି ଆନ୍ଦୋଳନକାରୀମାନେ ଚେତାବନୀ ଦେଇଛନ୍ତି।

# ପଞ୍ଚାୟତସ୍ତରୀୟ ସଚେତନତା ଶିବିର

ବିଷମ କଟକ, ୨୫।୧ (ବିଭୂତି ଭୂଷଣ ନାୟକ)



ପୁରସ୍କୃତ ହୋଇଥିବା କଳାକାରମାନେ।

ବିଷମକଟକ ବ୍ଲକ ଅନ୍ତର୍ଗତ ଚାଞ୍ଚଡାଗୁଡ଼ା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ସଦସ୍ୟ ସୁଜାତା କାଡ୍ରାକା, ଚାଞ୍ଚଡାଗୁଡ଼ା ସରପଞ୍ଚ ଚଞ୍ଚଳା ୱଡ଼କା ଓ ସମିତି ସଭ୍ୟ ସୁମନ୍ତ କର୍କରିଆ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଯଶୋଦା ହୁଇକା, ଉପାଧ୍ୟକ୍ଷ ଦେବୀ ପ୍ରସାଦ ପଟ୍ଟନାୟକ, ବିଷମକଟକ ବିଡିଓ ସଦାଶିବ ନାୟକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ବିଭାଗ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା ପକ୍ଷରୁ ବିଭିନ୍ନ ଷ୍ଟଲ ଖୋଲାଯାଇ ଉପସ୍ଥିତ ଅଧିକାରୀମାନେ ନିଜ ନିଜ ବିଭାଗର ଯୋଜନା ବିଷୟରେ ଲୋକଙ୍କୁ ବୁଝାଇଥିଲେ। ପରେ ଗ୍ରାମପଞ୍ଚାୟତ ଅଧୀନ ବିଭିନ୍ନ ବିଦ୍ୟାଳୟ ଓ ଗ୍ରାମାଞ୍ଚଳରୁ ଆସିଥିବା କଳାକାରଙ୍କ ଦ୍ୱାରା ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ପରିବେଷଣ ମାଧ୍ୟମରେ ସରକାରୀ ଯୋଜନାର ପ୍ରଚାର କରାଯାଇଥିଲା। ଜଗନ୍ନାଥ ସଂସ୍କୃତିର ସଂରକ୍ଷଣ, ଧାର୍ମିକସ୍ଥଳୀର ରୂପାନ୍ତରୀକରଣ, ମହିଳା ସଶକ୍ତୀକରଣ ଓ ଭିତ୍ତିଭୂମିର ବିକାଶ, ବ୍ୟାଙ୍କିଙ୍ଗ୍ ଭିତ୍ତିଭୂମିର ବିକାଶ, ବିଦ୍ୟାଳୟ ରୂପାନ୍ତରୀକରଣ, କ୍ରୀଡା ଭିତ୍ତିଭୂମିର ବିକାଶ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ଏଥିରେ ଅଂଶ ଗ୍ରହଣ କରିଥିବା ଛାତ୍ରୀଛାତ୍ର ଓ ଅନ୍ୟାନ୍ୟ କଳାକାରଙ୍କୁ ଟ୍ରଫି ଓ ମାନପତ୍ର ଦେଇ ଉତ୍ସାହିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ଓ ବ୍ଲକର କର୍ମଚାରୀମାନେ ସହଯୋଗ କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ କେ. ଚିରଞ୍ଜୀବୀ କୁମାର ମଞ୍ଚ ପରିଚାଳନା କରିଥିଲେ।

# ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ଗୁଣପୁର, ୨୫।୧ (ପ୍ରଦୀପ କୁମାର ପାଢ଼ୀ)

ଗୁଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସ୍ନାତକ ମହାବିଦ୍ୟାଳୟରେ ୨ଟି ପର୍ଯ୍ୟାୟରେ ଚାଲିଥିବା ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଗୁଣପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ସ୍ନାତକ ଶ୍ରେଣୀର ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପରିଚାଳନା କମିଟିର ସଭାପତି ମୋହନ ଚନ୍ଦ୍ର ସାହୁ ଉଭୟ ସଭାରେ ସଭାପତିତ୍ୱ କରିଥିଲେ। ଅଧ୍ୟକ୍ଷ ଶଶିଭୂଷଣ ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ସ୍ଥାନୀୟ ତହସିଲଦାର ଲୀଳାବତୀ ଆଚାର୍ଜି ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସେହିପରି ସ୍ନାତକ ଶ୍ରେଣୀର ସଭାକାର୍ଯ୍ୟରେ ଅନୁଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷା ଡ. ଇନ୍ଦିରା ଅଧିକାରୀ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବରେ ଗୁଣପୁର ଆଦର୍ଶ ଥାନା ଅଧିକାରୀ ଉତ୍ତମ କୁମାର ସାହୁ ଯୋଗଦେଇଥିଲେ। ଅଧ୍ୟାପକ ଗୋକୁଳାନନ୍ଦ ସାହୁ ଓ ଅଧ୍ୟାପକ ଡ. ସତ୍ୟବାନ ଗରଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଉଭୟ କାର୍ଯ୍ୟକ୍ରମର ନୋଡାଲ ଅଫିସର ଯଥାକ୍ରମେ ଅଧ୍ୟାପକ ପ୍ରିୟବ୍ରତ ମହାକୁର ଓ ଅଧ୍ୟାପକ ଜଗନ୍ନାଥ ଦୀପ କାର୍ଯ୍ୟକ୍ରମର ବିବରଣୀ ପାଠ କରିଥିଲେ। ନୂଆ-ଓ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଧ୍ୟାପକ ଡ. ଜବାହରଲାଲ ଚୌଧୁରୀ, ଅଧ୍ୟାପକ ଜ୍ୟୋତିରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ପୌରାଣିକ ନାଟକ ଶ୍ରୀଗୁଣ୍ଡିଚା ପରିବେଷଣ କରାଯାଇଥିଲା।


ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗନେଇ ଥିବା ପିଲାଙ୍କ ଗହଣରେ ଅତିଥି।

# ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯୁବପିଢ଼ିଙ୍କ ସକ୍ରିୟତା ଜରୁରୀ

### ଜିଲାସ୍ତରୀୟ ମତଦାତା ଦିବସ

ରାୟଗଡ଼ା,୨୫।୧ (ଆଶିଷ ରଞ୍ଜନ ପଣ୍ଡା)


ଜିଲାପାଳ ସ୍ୱାଧାଦେବ ସିଂ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ରାୟଗଡ଼ାସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମଠାରେ ଗୁରୁବାର ଜିଲାସ୍ତରୀୟ ମତଦାତା ଦିବସ ପାଳିତ ହୋଇଯାଇଛି। କଲେଜ ଛାତ୍ରୀଛାତ୍ର, ଜିଲା ଓ ବ୍ଲକସ୍ତରୀୟ ଅଧିକାରୀ ଓ ଅନ୍ୟ ସରକାରୀ କର୍ମଚାରୀ ସକାଳ ୮ଟା ୩୦ ସମୟରେ ଗଜପତି ଛକଠାରୁ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ବାହାରି ଅଡିଟୋରିୟମଠାରେ ପହଞ୍ଚିଥିଲେ। ପରେ ଅଡିଟୋରିୟମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସ୍ୱାଧାଦେବ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୧ଜଣ ନୂତନ ଭୋଟରଙ୍କୁ ଭୋଟର ପରିଚୟପତ୍ର ପ୍ରଦାନ କରିଥିଲେ। ଚଳିତ ନିର୍ବାଚନ ବର୍ଷରେ ରେକର୍ଡ ସଂଖ୍ୟକ ନୂତନ ଯୁବ ପ୍ରତିଭା ପଞ୍ଜୀକରଣ କରିଥିବାରୁ ଜିଲାପାଳ ସିଂ ସାଧୁବାଦ ଜଣାଇବା ସହ ଗଣତାନ୍ତ୍ରିକ ପ୍ରକ୍ରିୟାରେ ଯୁବପିଢ଼ିଙ୍କ ସକ୍ରିୟତା ଅତ୍ୟନ୍ତ ଜରୁରୀ ବୋଲି ମତପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ପରିଷଦ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର ଏବଂ ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମହାବିଦ୍ୟାଳୟସ୍ତରରେ ଆୟୋଜିତ ସ୍ଲୋଗାନ, ପୋଷ୍ଟର ଓ କୁଇଜ ଆଦି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରଥମ ୩ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ସେହିଭଳି ୩ଟି ନିର୍ବାଚନମଣ୍ଡଳୀର ଉତ୍ତମ କାର୍ଯ୍ୟ ସମ୍ପାଦନ କରିଥିବା ୩ଜଣ ଲେଖାଏ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ଜିଲାପାଳ ସିଂ ପୁରସ୍କୃତ କରିଥିଲେ। ଏହାପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ କାର୍ଯ୍ୟକୁ ଡେପୁଟି କଲେକ୍ଟର ପ୍ରଜ୍ଞା ପାରମିତା ପରିଚାଳନା କରିଥିବା ବେଳେ ଡେପୁଟି କଲେକ୍ଟର କୃଷ୍ଣଚନ୍ଦ୍ର ଦାଶ, ସୂର୍ଯ୍ୟମଣି ଭୋଇ, ପ୍ରଫୁଲ୍ଲ ଚନ୍ଦ୍ର ବେହେରା ଓ ଶିକ୍ଷକ ନୀଳାଞ୍ଚଳ ମିଶ୍ର, ଭାରତୀ ଜେନା ପ୍ରମୁଖ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ଓଡ଼ିଶା ଜନଜାତି ଗୌରବଯାତ୍ରା




**ଜୟପୁର,୨୫।୧(ପବନ ପାଣିଗ୍ରାହୀ)**

ଜୟପୁର ସୂର୍ଯ୍ୟମହଲଠାରେ ବନବାସୀ କଲ୍ୟାଣ ଆଶ୍ରମର ଚାଲିଥିବା ଓଡ଼ିଶା ଜନଜାତି ଗୌରବ ଯାତ୍ରା ଗୁରୁବାର ପହଞ୍ଚିଛି। ଏହି କାର୍ଯ୍ୟକ୍ରମରେ ଅଖିଳ ଭାରତୀୟ ହିତରକ୍ଷା ପ୍ରମୁଖ ଗିରିଶ କୁବେର ଜୀ, ସଂଯୋଜକ ଶ୍ୟାମପ୍ରସାଦ ସୋମରପ୍ତା, ସନ୍ତୋଷିନୀ ମୁଣ୍ଡା ଜନଜାତି ନେତ୍ରୀ ଶିବରାମ କ୍ରିଷ୍ଣା ରଥ, ସଂଯୋଜକ ଶଶୀ ପଟ୍ଟନାୟକ, ନଗର ସଭାପତି ଲକ୍ଷ୍ମୀ ମିଶ୍ର, ରାଣୀ ସାରିକା ଦେବୀ, ଡ. ନିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯାତ୍ରା ୨୬ରେ କୁନ୍ଦୁରା, କଳିଆଗୁଡ଼ା, ଜିରାଗୁଡ଼ା, ଭୂସାଙ୍ଗଗୁଡା, ଗିର୍ଲିଗୁଡ଼ା, କୋରାପୁଟ, ଜୟପୁର,୨୭ରେ ଥୁବା, ଭେଜା, ବଡେଲ, ଜଲାପୁଟ ପରିକ୍ରମା କରିବ। ଜନଜାତି ସଂସ୍କୃତିର ରକ୍ଷା କରିବା ବନବାସୀଙ୍କ ଅଧିକାରର ସୁରକ୍ଷା କରିବା ଉଦ୍ଦେଶ୍ୟ ରଖି ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ଜଣାପଡିଛି।

# ନିରପେକ୍ଷ ମତଦାନ ସଶକ୍ତ ଗଣତନ୍ତ୍ରର ରକ୍ଷାକବଚ

**୧୪ତମ ଜାତୀୟ ମତଦାତା ଦିବସ**

**କୋରାପୁଟ/ଜୟପୁର/ନନ୍ଦପୁର,୨୫।୧ (ଅମିତାଭ ବେହେରା/ ପବନ ପାଣିଗ୍ରାହୀ/ଶଙ୍କର ପୂଜାରୀ)**




କୋରାପୁଟରେ ଅତିଥିମାନେ ଜଣଙ୍କୁ ସମ୍ମାନିତ କରୁଛନ୍ତି।




ନନ୍ଦପୁରରେ କାର୍ଯ୍ୟକ୍ରରେ ଉପସ୍ଥଇତ ଅତିଥି ଓ ଅଧିକାରୀମାନେ।

କୋରାପୁଟଠାରେ ୧୪ତମ ଜାତୀୟ ମତଦାତା ଦିବସ ଗୁରୁବାର ପାଳିତ ହୋଇଛି। ନିରପେକ୍ଷ ମତଦାନ ସଶକ୍ତ ଗଣତନ୍ତ୍ରର ରକ୍ଷା କବଚ। ତେଣୁ ସମସ୍ତ ଭୋଟର ରାଷ୍ଟ୍ରର ହିତ ପାଇଁ ନିଜର ମତଦାନକୁ ସାବ୍ୟସ୍ତ କରିବାକୁ ଅତିଥିମାନେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଆୟୋଜିତ ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଶୋଭାଯାତ୍ରା ସହର ପରିକ୍ରମା କରି ସାରିବା ପରେ ଏକ ସଭା ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ(ରାଜସ୍ୱ)ସୋମନାଥ ପ୍ରଧାନ ଓ ରାଜେନ୍ଦ୍ର ମାଝି ଯୋଗଦେଇ ଏହି ଦିବସର ମହତ୍ତ୍ୱ ସମ୍ପର୍କରେ ଛାତ୍ରୀଛାତ୍ରୀଙ୍କୁ ଅବଗତ କରାଇଥିଲେ । କୋରାପୁଟ ଉପଜିଲାପାଳ ବେଣୁଧର ଶବର, ଜୟପୁର ଉପଜିଲାପାଳ ପ୍ରଭାତ ପରିଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସ୍ୱରାଜ୍ୟ ଶିଶା, ଜିଲା ନିର୍ବାଚନ ଅଧିକାରୀ ନାରାୟଣ ମିଶ୍ର, ଡାକ୍ତର ମୁକ୍ତିକାନ୍ତ ଖଟୁଆ ପ୍ରମୁଖ ଉପସ୍ଥିତ ରହି ପ୍ରତ୍ୟେକ ଭୋଟର ମତଦାନ ଅଧିକାର ସାବ୍ୟସ୍ତ କରି ଦେଶ ଗଠନରେ ନିଜ ଯୋଗଦାନ ସୁନିଶ୍ଚିତ କରିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଉପସ୍ଥିତ ସମସ୍ତ ଅଧିକାରୀ,ବୁଦ୍ଧିଜିବୀ ଓ ଛାତ୍ରୀଛାତ୍ରମାନେ ମତଦାନ ନେଇ ଶପଥପାଠ କରିଥିଲେ। ଅଧ୍ୟାପକ ରବି ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ କିଶୋର ବେହେରା ସହାୟତା କରିଥିଲେ।

ଜୟପୁରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଗୁରୁବାର ଜାତୀୟ ଭୋଟର ଦିବସ ପାଳିତ ହୋଇଛି । ଏହି ଅବସରରେ ଯୁବ ନବ ମତଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଉଦ ବୋଧନ ଦେଇଥିଲେ। ଏହାର ସିଧା ପ୍ରସାରଣ ଜୟପୁର ଦଶହରା ପଡିଆଠାରେ ଆୟୋଜନ ହୋଇଥିଲା। ଏଠାରେ ସିଧା ପ୍ରସାରଣକୁ ସ୍କୁଲ, କଲେଜ, ଏନସିସି, ଛାତ୍ରୀଛାତ୍ରମାନେ ଦେଖିଥିଲେ। ସେହିପରି ଜୟପୁର ବ୍ଲକ କାର୍ଯ୍ୟାଳୟରେ ଭୋଟର ଦିବସ ପାଳନ କରାଯାଇଛି । ବିଡିଓ ଶକ୍ତି ମହାପାତ୍ର, ଏବିଡିଓ ମନୋଜ ନାୟକଙ୍କ ସହ କର୍ମଚାରୀ ମାନେ ଉପସ୍ଥିତ ରହି ମତଦାତାଙ୍କୁ ଶପଥ ପାଠ କରାଇଥିଲେ। ଜୟପୁର ପୌର ପାଳିକା ତରଫରୁ ମଧ ସବୁ ବୁଥରେ ଭୋଟର ଦିବସ ପାଳନ କରାଯାଇଛି । ଉପଖଣ୍ଡର ସହାୟକ ଭୋଟର ତାଲିକା ପଞ୍ଜୀକରଣ ଶ୍ରେଷ୍ଠ ଅଧିକାରୀ ଭାବେ ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ଜିଲାପାଳ ଅବଦୁଲ ମହମ୍ମଦ ଆକ୍ତର ପୁରସ୍କୃତ କରିଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜାତୀୟ ଭୋଟର ଦିବସ ପାଳିତ ହୋଇଛି।

ନନ୍ଦପୁର ବ୍ଲକ ପ୍ରଶାସନ ପକ୍ଷରୁ ଗୁରୁବାର ଜାତୀୟ ମତଦାତା ଦିବସ ପାଳିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ, ଲୋକ ପ୍ରତିନିଧି, ବୁଦ୍ଧିଜୀବୀଙ୍କ ଉପସ୍ଥିତିରେ ବ୍ଲକ କାର୍ଯ୍ୟାଳୟରେ ଏବଂ ଅପରାହ୍ନରେ ସ୍ଥାନୀୟ ସିଦ୍ଧେଦେବୀ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨ ବୈଠକରେ ଉପସ୍ଥିତ ବିଡିଓ ଦୁର୍ଗାପ୍ରସାଦ ଦୋରା ଓ ଏସ୍‌ଡିପିଓ ସଞ୍ଜୟ ମହାପାତ୍ର ମତଦାତା ଦିବସ ପାଳନ ସମ୍ପର୍କରେ ବୁଝାଇ ଜଣେ ଯୁବତୀ ଅବା ଯୁବକ ୧୮ ବର୍ଷରେ ପହଞ୍ଚିଲେ ଭୋଟର ହେବାର ସୁଯୋଗ ପାଇଥାଆନ୍ତି। ଏହି ମୌଳିକ ଅଧିକାରର ସଦୁପଯୋଗ କରନ୍ତୁ। ଅଧିକରୁ ଅଧିକ ସଂଖ୍ୟାରେ ମତଦାନ କରି ନିଜ ପାଇଁ ଓ ସମାଜ ପାଇଁ ଜଣେ ଭଲ ଲୋକ ପ୍ରତିନିଧି ବାଛିବାରେ ନିଜକୁ ସାମିଲ କରନ୍ତୁ ବୋଲି ଉଭୟ ଅଧିକାରୀ ପ୍ରକାଶ କରିଥିଲେ। ଜିପିଇଓ ବେଦାନ୍ତ ମାଝି, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପରିଡ଼ା, ସହକାରୀ ଶିକ୍ଷାଧିକାରୀ ମମତାଜ ଗମାଙ୍ଗ, ବିଦ୍ୟାଳୟର ଅଧକ୍ଷା ବୈଜୟନ୍ତୀ ସାମଲ, ପିଇଓ, ସରପଞ୍ଚ, ସମିତିସଭ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ, ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

## ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ

**ଲକ୍ଷ୍ମୀପୁର ୨୫।୧ (ଅନନ୍ତ ନାୟକ)**

ଲକ୍ଷ୍ମୀପୁର ବ୍ଲକ ଗୌଡ଼ଗୁଡ଼ାଠାରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରପଞ୍ଚ ଭଗବତୀ ମୁଦୁଲି ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ ଅଧକ୍ଷା ଶୁଆଇ କୁଲେସିକା, ସମ୍ମାନିତ ଅତିଥି ପୂର୍ବତନ ବିଧାୟକ କୈଳାସ କୁଲେଶିକା, ପୂର୍ବତନ ଏମ୍‌ପି ଝିନ୍ ହିକକା, ଉପାଧକ୍ଷ ଆରତି କୁଲଦୀପ, ଜିଲା ପରିଷଦ ସଭ୍ୟ ହିଙ୍ଗୁ ସାଉଁତା, ବିଜେଡି କାର୍ଯ୍ୟକାରୀ ସଭାପତି ଡମ୍ବରୁଧର ମୁଦୁଲି, ମହିଳା ସଭାନେତ୍ରୀ କୌଶଲ୍ୟା ହିକକା, ଶିକ୍ଷକ ଶଙ୍କର ସାଉଁତା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ଗୌଡ଼ଗୁଡ଼ା ପଞ୍ଚାୟତରେ ଗତ ୫ ବର୍ଷରେ ହୋଇଥିବା ବିକାଶମୂଳକ କାର୍ଯ୍ୟରେ କେଉଁ ପ୍ରକଳ୍ପରେ କେତେ ଅର୍ଥ ବ୍ୟୟ ହୋଇଛି ତା'ର ହିସାବ ଦେଇଥିଲେ। ଏହି ଅବସରରେ ଆମ ପଞ୍ଚାୟତର ବିକାଶ ପୁସ୍ତିକା ଅତିଥିମାନେ ଉନ୍ମୋଚନ କରିଥିଲେ। ନୋଡାଲ ଅଫିସର ରଜନୀକାନ୍ତ ପାଣିଗ୍ରାହୀ ଲୋକଙ୍କଠାରୁ ଅଭିଯୋଗ ଗ୍ରହଣ କରିଥିଲେ। କୃଷି ବିଭାଗ, ମିଲେଟ ମିଶନ, ସ୍ୱାସ୍ଥ୍ୟ, ଶିକ୍ଷା, ଶିଶୁବିକାଶ, ମିଶନ ଶକ୍ତି ବିଭାଗ ପକ୍ଷରୁ ଷ୍ଟଲ୍‌ମାନ ଖୋଲା ଯାଇଥିଲା। ପିଇଓ ରମେଶ ଚନ୍ଦ୍ର ସାହୁ ପରିଚାଳନା କରିଥିଲେ।

## ତେନ୍ତୁଳିଗଛରେ ଯୁବକଙ୍କ ଝୁଲନ୍ତା ମୃତଦେହ

**ତେନ୍ତୁଳିଖୁଣ୍ଟି. ୨୫।୧(ଚିଦାନନ୍ଦ ସାହୁ)**

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ମଞ୍ଜାଗାଁ ପଞ୍ଚାୟତ ଡୁମୁରିଗୁଡ଼ା ନିବାସୀ ଶିବ ବିନ୍ଧାଣି (୨୩)ଙ୍କ ଝୁଲନ୍ତା ମୃତଦେହ ଗାଁ ପାଖ ତେନ୍ତୁଳିଗଛରୁ ମିଳିଛି। ଖାତିଗୁଡ଼ା ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି। ସୂଚନାନୁଯାୟୀ, ଶିବ ୨୪ ତାରିଖ ରାତି ପ୍ରାୟ ୮ରେ ଘର ବାହାରକୁ ଯାଇଥିଲେ। ରାତିରେ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ଗ୍ରାମ ନିକଟସ୍ଥ ତେନ୍ତୁଳିଗଛରେ ଶିବଙ୍କ ମୃତଦେହ ଦେଖି ପଡୋଶୀ ତାଙ୍କ ପରିବାରକୁ ଖବର ଦେଇଥିଲେ। ଏ ସମ୍ପର୍କରେ ଖାତିଗୁଡା ଥାନାରେ ଶିବଙ୍କ ବାପା ଦୁର୍ଯ୍ୟ ରିପୋର୍ଟ କରିଛନ୍ତି। ପୋଲିସ ଝୁଲନ୍ତା ମୃତଦେହ ଉଦ୍ଧାରକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ବନବାସୀଙ୍କୁ ମିଳିବ ଜଙ୍ଗଲ ଜମି ପଟ୍ଟା

**ଦଶମନ୍ତପୁର, ୨୫।୧(ଅରବିନ୍ଦ ନାୟକ)**

- ସ୍ୱତନ୍ତ୍ର ପଲ୍ଲିସଭାରେ ନିଷ୍ପତ୍ତି
- ରାଜସ୍ୱ ଗ୍ରାମର ମାନ୍ୟତା ପାଇବ କଚାଗୁଡା

ବନବାସୀଙ୍କୁ ମିଳିବ ଜଙ୍ଗଲ ଜମି ପଟ୍ଟା। ପୁଣି କଚାଗୁଡା ଗ୍ରାମକୁ ମିଳିବ ରାଜସ୍ୱ ଗ୍ରାମର ମାନ୍ୟତା। ଏନେଇ ତହସିଲ କାର୍ଯ୍ୟାଳୟ ପକ୍ଷରୁ ଅନୁଷ୍ଠିତ ସ୍ୱତନ୍ତ୍ର ପଲ୍ଲିସଭାରେ ନିଷ୍ପତ୍ତି ହୋଇଛି। ଦଶମନ୍ତପୁର ବ୍ଲକ ପାଇକ ଫୁଲବେଡା ପଞ୍ଚାୟତର କଚାଗୁଡା ଗ୍ରାମରେ ସରପଞ୍ଚ ମହେଶ୍ୱର ଗାଦବାଙ୍କ ତତ୍ତ୍ୱାବଧାନରେ ହୋଇଥିବା ପଲ୍ଲିସଭାରେ ଏପରି ନିଷ୍ପତ୍ତି ନିଆଯାଇଛି। ଏଥିରେ ତହସିଲଦାର ପ୍ରିୟା ପୁଷ୍ପାଞ୍ଜଳି ବେହେରା ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ ନାୟକ, ଅତିରିକ୍ତ ତହସିଲଦାର ଜଗୁ ପୂଜାରୀ, ସୁପରଭାଇଜ, ରାଜସ୍ୱ ନିରୀକ୍ଷକଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ରହି ବନବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା କିଭଳି ଯୋଗାଇ ଦିଆଯିବ ସେନେଇ ଆଲୋଚନା କରିଥିଲେ। ତହସିଲଦାର କହିଥିଲେ, ୨୦୦୬ ଜଙ୍ଗଲ ଜମି ଆଇନ ଅନୁସାରେ ପୁରୁଷ ପୁରୁଷ ଧରି ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କୁ ଜଙ୍ଗଲ ଜମି ପଟ୍ଟା ପ୍ରଦାନ କରାଯିବ। ଏଥିପାଇଁ ଜମି,ସୀମା ଚିହ୍ନଟ ହୋଇ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଏହି ପଟ୍ଟା ମିଳିବ। ଦଶମନ୍ତପୁର ବ୍ଲକ ବୋରିଗୁମ୍ମା ସୀମାନ୍ତ ଅଞ୍ଚଳରେ ଥିବା, ମାରାଡ, ପଣ୍ଡସ, ଚାକଲି, ମାଲିଗୁଡା, ମାଲତିଗୁଡ଼ା ଏବଂ ଝିଲକିବେଡ଼ା ଗ୍ରାମର ଶତାଧିକ ଲୋକ ଉପସ୍ଥିତ ଥିଲେ। ଏହି ଅବସରରେ ତହସିଲଦାର କଚାଗୁଡା ଗ୍ରାମକୁ ରାଜସ୍ୱ ଗ୍ରାମଭାବେ ଘୋଷଣା କରାଯାଇ ଏହାକୁ ସରକାରୀ ଖାତାରେ ଯୋଡ଼ି ଦିଆଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ପ୍ରଶାସନ-ପାଣି ପଞ୍ଚାୟତ ସଦସ୍ୟଙ୍କ ମଧ୍ୟରେ ରହୁନି ସମନ୍ୱୟ

**କୋରାପୁଟ,୨୫।୧(ଅମିତାଭ ବେହେରା)**

କୋରାପୁଟରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ଉଦ୍‌ଯାପିତ ହୋଇଯାଇଛି। ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସମ୍ମିଳନୀ ଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଶାସନ ଓ ପାଣି ପଞ୍ଚାୟତର ସଦସ୍ୟମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ପାଣି ପଞ୍ଚାୟତ ସହ ସମ୍ପୃକ୍ତ ଚାଷୀଙ୍କ କାର୍ଯ୍ୟରେ ଏହା ଆସୁ ନ ଥିବା ଅଭିଯୋଗ ହୋଇଛି। ଉପସ୍ଥିତ ବହୁ ପାଣି ପଞ୍ଚାୟତର ସଭାପତି ବୈଠକରେ ଅଭିଯୋଗ ଉଠାଇଛନ୍ତି। କୋଲାବ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସନ୍ତୋଷ ମହାପାତ୍ରଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧକ୍ଷା ସସ୍ମିତା ମେଲକା ମୁଖ୍ୟ ଅତିଥିଭାବେ ଯୋଗଦେଇ ଜିଲାରେ ପାଣିପଞ୍ଚାୟତ ଗଠନ ଦ୍ୱାରା ଚାଷୀଙ୍କ ଚାଷଜମି ଜଳସେଚିତ ହୋଇ କୃଷିର ଉନ୍ନତି ହୋଇପାରୁଛି ବୋଲି କହିଥିଲେ । ଜିଲାରେ କ୍ଷୁଦ୍ର ଜଳସେଚନ ବିଭାଗ ଦ୍ୱାରା ୪୧ଟି ପାଣି ପଞ୍ଚାୟତ ଗଠନ କରାଯାଇ ୬ ହଜାର ଚାଷୀ ଉପକୃତ ହେଉଥିବା କୋଲାବ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ମହାପାତ୍ର ସୂଚନା ଦେଇଥିଲେ। ସମ୍ମାନିତ ଅତିଥିଭାବେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପଟ୍ଟାଙ୍ଗି ବିଧାୟକ ପୀତମ ପାଢୀ, କୋରାପୁଟ ଏମ୍‌ପି ପ୍ରତିନିଧି ମନୋଜ ଆଚାର୍ଯ୍ୟ, ନିର୍ବାହୀ ଯନ୍ତ୍ରୀ ଯୁଗଳ କିଶୋର ଟାକ୍ରି, ଜିଲା ଉଦ୍ୟାନ ବିଭାଗ ଉପନିର୍ଦ୍ଦେଶକ ସୁଦାମ ଚନ୍ଦ୍ର ବିଶ୍ୱାଳଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ନିଜ ମତ ରଖିଥିଲେ। ଜିଲା ପାଣି ପଞ୍ଚାୟତର ଆପେକ୍ସ କମିଟି ସଭାପତି ବାଳକୃଷ୍ଣ ବିଶୋୟୀ ଯୋଗଦେଇ କୋଲାବ କେନାଲ ବନ୍ଧ ଦୀର୍ଘ ବର୍ଷ ହେଲା ମରାମତି କରାଯାଉ ନ ଥିବାରୁ ତଳମୁଣ୍ଡରେ ପାଣି ପହଞ୍ଚୁ ନ ଥିବାରୁ ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରୁ ନ ଥିବା ପ୍ରକାଶ କରିଥିଲେ। ଏହି ଅବସରରେ ଜିଲାର କୋଟପାଡ, କୁନ୍ଦୁରା, ବୋରିଗୁମ୍ମା, ଜୟପୁରରୁ ଆସିଥିବା ପାଣି ପଞ୍ଚାୟତ ସଭାପତିମାନେ ବିଭାଗୀୟ ଅଧିକାରୀମାନେ ବିଭିନ୍ନ ଜଳସେଚନ ପ୍ରକଳ୍ପ ଗଠନ କରିବା ବେଳେ ସ୍ଥାନୀୟ ପାଣି ପଞ୍ଚାୟତର ସଦସ୍ୟମାନଙ୍କ ମତାମତ ଗ୍ରହଣ କରୁନାହାନ୍ତି ବୋଲି ଅଭିଯୋଗ କରିଥିଲେ।

# ଭଲ ପାଠ ପଢ଼ି ନାଁ ରଖ

**କୋଟପାଡ,୨୫।୧(କେ. ରାଜଶେଖର ରାଓ)**

**ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ**

କୋରାପୁଟ ଜିଲ୍ଲା କୋଟପାଡ଼ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ରୂପେ ଏନ୍‌ଏସି ଅଧକ୍ଷ ଏମ୍. ଶଙ୍କର ରାଓ, ମୁଖ୍ୟବକ୍ତା ବିଡିଓ ଲାଳିତ ମଣ୍ଡଳ, ସମ୍ମାନିତ ଅଥିତି ରୂପେ ଗୋଷ୍ଠୀ ଶିକ୍ଷା ଅଧିକାରୀ ତିଲୋତ୍ତମା ଗରଡା, ମୋ ସ୍କୁଲ ଅଭିଯାନ ସଭାପତି ଗଣେଶ ପଣ୍ଡା, ଏସ୍‌ଏମ୍‌ସି ସଭାପତି ଗୋକୁଳ ଚନ୍ଦ୍ର ପାଢ଼ୀ, ଅର୍ପିତା ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା। ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ନିଷ୍ପାପର ଶିକ୍ଷାଦାନ ଯୋଗୁ ସେମାନେ ସୁନାଗରିକ ରୂପେ ଗଢି ହୋଇଥାନ୍ତି। ଏପରି କ୍ଷେତ୍ରରେ ଛାତ୍ରୀଛାତ୍ରମାନେ ଭଲ ପାଠ ପଢିବା ସହ କ୍ରୀଡା କ୍ଷେତ୍ରରେ ନିଜକୁ ସାମିଲକରି ବିଦ୍ୟାଳୟର ନାଁ ରଖିବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଗୌର ଦେବାନ ପରିଚାଳନା କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ କ୍ରୀଡ଼ା ସହ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦୀର୍ଘଦିନ ହେବ ଏହି ବିଦ୍ୟାଳୟରେ ସ୍ଥାୟୀ ପ୍ରଧାନ ଶିକ୍ଷକ ନ ଥିବାରୁ ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟ ଆଗେଇ ପାରୁନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବା ସକାଶେ ଛାତ୍ରୀଛାତ୍ର,ଅଭିଭାବକମାନେ ଉପସ୍ଥିତ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିକ୍ଷକ ପ୍ରଦୀପ ଗୌଡ଼, ଆଇନଜୀବୀ ମଣି ପଟ୍ଟନାୟକ, ସୁଧୀର ମହାନ୍ତିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଶିକ୍ଷକ ଶରତ ସାହୁ ଧନ୍ୟବାଦ ଦେଇଥିଲେ ।

# ଏସ୍‌ପିଙ୍କ ନିକଟରେ ଅଭିଯୋଗ କଲେ ପରିବାର

**ବୈପାରିଗୁଡା,୨୫।୧(କଳ୍ପତରୁ ମହାନ୍ତି)**

- ଗୌରୀ ମାଝି ମୃତ୍ୟୁ ମାମଲା
- ହଟୁନି ମୃତ୍ୟୁ ରହସ୍ୟ
- ତଦନ୍ତରେ ପୋଲିସର ଶିଥିଳତା

କୋରାପୁଟ ଜିଲା ବୈପାରିଗୁଡା ଥାନା ଅନ୍ତର୍ଗତ କୁନ୍ଦୁରା ବ୍ଲକ ଦିଗାପୁର ପଞ୍ଚାୟତ ଘଷର୍ଡା ଗ୍ରାମର ଗୌରୀ ମାଝି (୧୯)ଙ୍କ ଗତ ୧୫ ତାରିଖରେ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ଏହି ଘଟଣାର ତଦନ୍ତ ପୋଲିସ୍ ଠିକ ରୂପେ କରୁ ନ ଥିବାରୁ ଏଯାଏ ହତ୍ୟା ରହସ୍ୟ ଉନ୍ମୋଚନ ହୋଇପାରିନାହିଁ ବୋଲି ଅଭିଯୋଗ ଆଣି ପରିବାର ଲୋକେ ଗୁରୁବାର ଜିଲା ଏସ୍‌ପିଙ୍କୁ ଭେଟି ଅଭିଯୋଗ ପତ୍ର ଦେଇଛନ୍ତି। ଏସ୍‌ପି ଏହାକୁ ଗ୍ରହଣ କରି ଆସନ୍ତା ୩୧ ତାରିଖ ପୂର୍ବରୁ ଘଟଣାର ତଦନ୍ତ କରି ରିପୋର୍ଟ ଦେବାକୁ ଜୟପୁର ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଦତ୍ତ ଅଭିଯୋଗପତ୍ରରେ ପରିବାର ଲୋକେ ଉଲ୍ଲେଖ କରିଛନ୍ତି ଯେ, ମୃତା ଗୌରୀ ଗତ କିଛି ବର୍ଷ ହେବ ଜୟପୁର ସହରର ଜଣେ ନିଳମ୍ବିତ ପୋଲିସ୍ ଅଧିକାରୀଙ୍କ ଘରେ ରହି ପିଲାଙ୍କ ଯତ୍ନ ନେଉଥିଲେ। ଉକ୍ତ ଅଧିକାରୀ ଜଣକ ପୂର୍ବରୁ ବୈପାରିଗୁଡା ଥାନାରେ ମଧ ଥିଲେ । ତେବେ ଗତ ୧୫ ତାରିଖରେ ଆକସ୍ମିକ ଭାବେ ଗୌରୀଙ୍କ ମୃତଦେହ ଗ୍ରାମର ଏକ ପଡିଆରେ ଥିବା ଲିମ୍ବଗଛରେ ଝୁଲନ୍ତା ଅବସ୍ଥାରେ ଠାବ ହୋଇଥିଲା। ତେବେ ଗୌରୀଙ୍କୁ ହତ୍ୟା କରାଯାଇ ପରେ ସେମାନେ ଏହାକୁ ଆତ୍ମହତ୍ୟା ରୂପ ଦେଇଥିବା ସେମାନେ ପ୍ରକାଶ କରି ଏଥିରେ ୨ ଜଣ ଯୁବକଙ୍କ ସମ୍ପୃକ୍ତି ଥିବା ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଜଣେ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ସଲପା ଗ୍ରାମର ସୁବା ଓ ଅନ୍ୟ ଜଣେ ରତାଖଣ୍ଡି ଗ୍ରାମର ମହେଶ । ଗୌରୀଙ୍କ ବଡ ଭଉଣୀ କହିଛନ୍ତି ୧୪ ତାରିଖ ରାତିରେ ସୁବା ତାଙ୍କୁ ଫୋନ୍ କରି ଗୌରୀ ଘରକୁ ଯାଉଛି ମାତ୍ର ଘରେ ପହଞ୍ଚିପାରିବ ନାହିଁ ବୋଲି କହିଥିଲେ। ସେହି ଅନୁସାରେ ଗୌରୀ ଘରେ ପହଞ୍ଚିପାରି ନ ଥିଲେ। ତାଙ୍କ ମୃତଦେହ ଗ୍ରାମ ପଡିଆସ୍ଥ ଲିମ୍ବଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ସେହିପରି ଅନ୍ୟ ଜଣେ ଯୁବକ ମହେଶ ଅନେକ ସମୟରେ ଗୌରୀଙ୍କୁ ବାରମ୍ବାର ଫୋନ୍ କରି ପ୍ରେମ ନିବେଦନ କରି ହଇରାଣ କରୁଥିଲେ ବୋଲି ତାଙ୍କ ବଡ ଭଉଣୀ କହିଛନ୍ତି।

ଅନ୍ୟପକ୍ଷରେ ଗୌରୀ ଯେଉଁ ପୋଲିସ୍ ଅଧିକାରୀଙ୍କ ଘରେ ରହି କାମ କରୁଥିଲେ ଉକ୍ତ ଅଧିକାରୀ ଜଣକ ଗୌରୀଙ୍କ ପରିବାର ଲୋକଙ୍କୁ ଗୌରୀଙ୍କ ସମ୍ପର୍କରେ ପଚାରିଥିଲେ। ଗୌରୀ ଘରକୁ ଫେରି ନ ସେମାନେ କହିବାରୁ ନିଖୋଜ୍ ରିପୋର୍ଟ ଦେବେ ବୋଲି କହିଥିଲେ। ସମ୍ପୃକ୍ତ ଅଧିକାରୀଙ୍କୁ ମଧ ତଦନ୍ତ ପରିସରଭୁକ୍ତ କରିବାକୁ ପରିବାର ଲୋକେ ଦାବି କରିଛନ୍ତି।

## ଆତ୍ମହତ୍ୟା ଉଦ୍ୟମ କରିବାବେଳେ ଯୁବକ ଉଦ୍ଧାର

**ପାପଡ଼ାହାଣ୍ଡି,୨୫।୧ (ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଖୁଟବାଇ ପଞ୍ଚାୟତ ଦାମାପାଲା ଗ୍ରାମର ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରୁଥିବା ବେଳେ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ତାଙ୍କ ନାମ ବନମାଳି ହରିଜନ। ପରବର୍ତ୍ତୀ ସମୟରେ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ତାଙ୍କୁ ସ୍ଥାନାନ୍ତର କରାଯାଇଛି। ସୂଚନାନୁଯାୟୀ ଗୁରୁବାର ମଧ୍ୟାହ୍ନରେ ବନମାଳି ଘର ପାଖ ଏକ ଗଛରେ କୌଣସି କାରଣରୁ ରଶୀ ଲଗାଇ ଆତ୍ମହତ୍ୟା ଉଦ୍ୟମ କରୁଥିଲେ। ଏହି ସମୟରେ ଗ୍ରାମବାସୀ ଦେଖି ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପାପଡ଼ାହାଣ୍ଡି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ ତାଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ

**ଜୟପୁର, ୨୫।୧(ପବନ ପାଣିଗ୍ରାହୀ)**- ଜୟପୁର ବ୍ଲକ ଆନ୍ତା ଓ ବାଲିଆ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଡିଓ ଶକ୍ତି ମହାପାତ୍ର, ବ୍ଲକ ଅଧକ୍ଷା ତିଲୋତ୍ତମା ମୁଦୁଲି, ଏବିଡିଓ ମନୋଜ ନାୟକ, ଏପିଓ ମାନସ ରଞ୍ଜନ କର, ବ୍ଲକ ସମାଜିକ ସୁରକ୍ଷା ଅଧିକାରୀ କେ.ଏସ ନିଶା, ଜିଲା ପରିଷଦ ସଭ୍ୟା, ସରପଞ୍ଚ, ସମିତି ସଭ୍ୟ , ଗ୍ରାମବାସୀ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇବାକୁ ବିଭାଗ ପକ୍ଷରୁ ଷ୍ଟଲମାନ ଖୋଲାଯାଇଥିଲା। ଜୟପୁର ବ୍ଲକର ୨୨ଟି ପଞ୍ଚାୟତରେ ଫେବୃଆରି ୬ ଯାଏ ଏହି ସଚେତନତା କାର୍ଯ୍ୟକ୍ରମ ଚାଲିବ।

## ଗଣଶିକ୍ଷା ମନ୍ତ୍ରୀଙ୍କୁ ଶିକ୍ଷକ ସଂଘର ଦାବିପତ୍ର

**ନବରଙ୍ଗପୁର,୨୫।୧ (ସଦାଶିବ ପ୍ରହରାଜ)**



ଶିକ୍ଷକ ସଂଘ ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି।

ନବରଙ୍ଗପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାର୍ଣ୍ଡିଙ୍କୁ ୧୧ ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଛି। ଶିକ୍ଷକଙ୍କ ପଦୋନ୍ନତି ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି। ୨୦୧୯ କ୍ୟାଡର ନିୟମ ଅନୁଯାୟୀ ସମସ୍ତ ପଦୋନ୍ନତି ଦେବା ପାଇଁ ଏହି ଦାବିପତ୍ର ରେ ଉଲ୍ଲେଖ କରାଯାଇଛି। ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପୂର୍ବରୁ ପଦୋନ୍ନତି ପ୍ରକ୍ରୀୟାକୁ କାର୍ଯ୍ୟକାରୀ କରାଇବାକୁ ସଂଘ ପକ୍ଷରୁ ମନ୍ତ୍ରୀଙ୍କ ସହ ଆଲୋଚନା କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ରମଣି ରଞ୍ଜନ ତ୍ରିପାଠୀ, ଜିଲା ସାଧାରଣ ସମ୍ପାଦକ କ୍ଷେତ୍ରମୋହନ ବିଷୋୟୀ, ସଂଯୁକ୍ତା ମୁଦୁଲି, ଅରବିନ୍ଦ ନାୟକ, ଅନନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# ନୂଆ-ଓ , ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ପଟ୍ଟାଙ୍ଗି,୨୫।୧(ଶରତ ଧଳ)**

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାସ୍ଥିତ ଗାଙ୍ଗେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ନୂଆ-ଓ, ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ରାମକୃଷ୍ଣ ସାମଲଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ତହସିଲଦାର ଦେବେନ୍ଦ୍ର ବାହାଦୁର ସିଂ ଧାରୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ସାହିତ୍ୟ ଉପରେ ପୁଙ୍ଖାନୁପୁଙ୍ଖ ଆଲୋକପାତକରି ଏହି ନୂଆ-ଓ, ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ସମ୍ମାନିତ ଅତିଥି ରୂପେ ବ୍ଲକ ଶିକ୍ଷା ଅଧିକାରୀ ଟି. ମିନତି ଯୋଗଦେଇଥିଲେ। ଅନ୍ୟତମ ଅତିଥି ଅବସରପ୍ରାପ୍ତ ଅଧ୍ୟାପକ ଅଶୋକ ତ୍ରିପାଠୀ, ଅବସରପ୍ରାପ୍ତ ଶିକ୍ଷକ ଅଶୋକ ମହାନ୍ତ ଓଡ଼ିଆ ସାହିତ୍ୟ ଓ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ଉପରେ ଆଲୋଚନା କରିଥିଲେ। ଛାତ୍ରୀ ମାଧୁରୀ ଖିନିବୁଡି ହସ୍ତାକ୍ଷର, ରାଜଲକ୍ଷ୍ମୀ ହନ୍ତାଳ ଲୋକନୃତ୍ୟ, ମାନସ ବୁରୁଡ଼ି ଭଜନ ଓ ପୂର୍ଣ୍ଣିମା ସିଲପାଡିଆ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସେହିପରି ସାହିତ୍ୟ ଚାମ୍ପିୟନ ଭାବେ ସୋନାଲି ଗୁଣ୍ଡା ପୁରସ୍କୃତ ହୋଇଥିଲେ। ଅଧ୍ୟାପିକା ରାଜଶ୍ରୀ ବିଶ୍ୱାଳ, ଜ୍ୟୋସ୍ନାମୟୀ ସାହୁ, ଅଧ୍ୟାପକ ଶେଷଦେବ ବାରିକ, ବୈଲଚନ ରଣା, ସରୋଜ ରଞ୍ଜନ ଭୂୟାଁ, ଅଶୋକ ନାୟକ, ସୁକାନ୍ତ ଚନ୍ଦ୍ର ରାଉତରା, ସୁଧାଂଶୁଭୂଷଣ ଜେନା, ହୃଷୀକେଶ ପ୍ରଧାନ, ସଞ୍ଜୟ ପରିଡ଼ା, ମନୋଜ ଦାସ, ଅନିଲ ଖିଲ, ତୋଟାପାଡିଆ ଚିନ୍ନୁ, ଫକୀରମୋହନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।




ଅତିଥିମାନେ ଜଣେ କୃତୀ ଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

# ପୁଷ ପୁନେଇଁ ପାଇଁ ଜୟପୁର ଚଳଚଞ୍ଚଳ

**ଜୟପୁର, ୨୫।୧(ପବନ ପାଣିଗ୍ରାହୀ)**

ଧୀରେ ଧୀରେ ଲୋପ ପାଇଯାଉଛି ଆଦିବାସୀଙ୍କ ପୁଷ ପୁନି । ଆଉ ଶୁଣିବାକୁ ମିଳୁନାହିଁ ପୁଷ ପୁନେଇର ଗୀତ ।ତେବେ ଆଦିବାସୀଙ୍କ ଏହି ପରବକୁ ପୁନଃରୁଦ୍ଧାର କରିବାକୁ ଜୟପୁର କାଳାକରମାନେ ପ୍ରୟାସ ଆରମ୍ଭ କରିଛନ୍ତି। ଗୁରୁବାର ଆଦିବାସୀ ଗୀତ ସହ ନାଚରେ ପାଳନ କରିଛନ୍ତି ପୁଷ ପୁନେଇଁ। ଏଥିରେ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ ବିଧାୟକ ତାରା ପ୍ରସାଦ ବାହିନୀପତି। ଏହି ଅବସରରେ ବାଙ୍କମଠରୁ ଏକ ଶୋଭାଯାତ୍ରା ବାହାରି ରଜାନହର ଦେଇ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆରେ ପହଞ୍ଚିଥିଲା। ଆଦିବାସୀ ନାଚ, ବାଜା ସହ ପୌରାଣିକ, ଐତିହାସିକ ତଥା ବିଭିନ୍ନ ବେଶରେ କଳାକାରମାନେ ନିଜକୁ ସଜ୍ଜିତ କରି ବାଦ୍ୟର ତାଳେ ତାଳେ ନାଚି ନାଚି ଶୋଭାଯାତ୍ରା କରିଥିଲେ। ରାମ, ଲକ୍ଷ୍ମଣ, ସୀତା, ଗାନ୍ଧାରୀ, ଯମ, କୁନ୍ତି ଦ୍ରୋଣାଚାର୍ଯ୍ୟ, ସଞ୍ଜୟ, ଦୁର୍ଗା,ମହିଷାଶୂର, ପର୍ଶୁରାମ, ନାରଦ, ଦିଷାରି , ସାଇବାବା, ବାଘ, ଚିତ୍ରଗୁପ୍ତ, ଶିବ, କୃଷ୍ଣ, ହନୁମାନ, କଂସ ଧୃତରାଷ୍ଟ୍ର, ଯୁଧିଷ୍ଠିର ସହ ଅନ୍ୟାନ୍ୟ ବେଶ ହୋଇଥିଲେ। ବିଧାୟକ ବାହାନିପତି ଶବର ରଜା ବେଶରେ ସଜ୍ଜିତ ହୋଇଥିଲେ। ଗୁରୁବାରଠାରୁ ୩୧ ତାରିଖ ପର୍ଯ୍ୟନ୍ତ ୭ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ, ପଲ୍ଲିଶ୍ରୀମେଳା, ମୀନା ବଜାର, ଖାଦ୍ୟ ମେଳା ସହ ବିଭିନ୍ନ ପ୍ରତିଯୋଗିତା ହେବ। ୧୨ଟି ଲୋକନୃତ୍ୟ, ୬ଟି ଡ୍ରାମା ପରିବେଷଣ ହେବ। ୩୧ରେ ଉଦ୍‌ଯାପନୀ ଉତ୍ସବ ହେବ। ବରିଷ୍ଠ କଳାକାର ଧୀରେନ ମୋହନ ପଟ୍ଟନାୟକ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କଳାକାରମାନଙ୍କ ଏହି ପ୍ରୟାସ ଦ୍ୱାରା ଆଦିବାସୀଙ୍କ ପରମ୍ପରା, ବେଶ ଭୂଷା, ଖାଦ୍ୟ, ଲୋକକଥା, ପୌରାଣିକ ଗାଥା ବଜାୟ ରହିବପାରିବ ବୋଲି ଆଶା ପ୍ରକାଶ ପାଇଛି।



ଶବର ରଜା ବେଶରେ ବିଧାୟକ ତାରାପ୍ରସାଦ ବାହିନୀପତି ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି।

